ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.23 . No.25, Bhubaneswar Sunday, March 1, 2020 | ୨୩ତମ ବର୍ଷ | ସଂଖ୍ୟା–୨୫ | ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧, ୨୦୨୦ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ସମ୍ ଅଲ୍ଟିମେଟ ମେଡିକେୟାର ଲୋକାର୍ପିତ

## - ଯୋଗଦେଲେ ମୁଖ୍ୟମନ୍ତ୍ରୀ , କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ - ଓଡ଼ିଆ ଲୋକଙ୍କୁ ଅନ୍ତରାଷ୍ଟ୍ରୀୟ ସ୍ତରର ସ୍ୱାସ୍ଥ୍ୟ ସେବା ଯୋଗାଇବ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର ,୨୯।୨(ପି.ଏନ): ସମ୍ ଅଲ୍ଟିମେଟ୍ ମେଡିକେୟାର୍ 'ସମ୍ମମ୍' ଶନିବାର ଲୋକାର୍ପିତ ହୋଇଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ 'ସମ୍ମମ୍' ଉଦଘାଟିତ ହୋଇଛି। ସମ୍ ଅଲ୍ଟିମେଟ ମେଡିକେୟାର(ସମ୍ମମ୍) ଓଡ଼ିଆ ଲୋକଙ୍କୁ ଅନ୍ତରାଷ୍ଟ୍ରୀୟ ସ୍ତରର ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଏହି ହସ୍ପିଟାଲର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ସୁପର ସ୍ପେଶାଲିଟି ଡାକ୍ତରଖାନା ପୂର୍ବ ଭାରତର ସବୁଠୁ ବଡ ହସ୍ପିଟାଲ ହେବା ପାଇଁ ଯାଉଛି ଯ ଓଡ଼ିଶାର ସାଧାରଣ ଲୋକଙ୍କର ଚିକିତ୍ସା ପାଇଁ ଏହା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଲୋକାର୍ପଣ କରାଯାଇଛି । ଏହି ମେଡିକେୟାର ଓଡ଼ିଆ ଲୋକଙ୍କୁ ଅନ୍ତରାଷ୍ଟ୍ରୀୟ ସ୍ତରର ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଧାନମନ୍ତ୍ରୀଙ୍କ ମହତ୍ୱାକାଂକ୍ଷୀ ଯୋଜନା ଆୟୁଷ୍ମାନ ଭାରତକୁ ଓଡ଼ିଶାରେ ଲାଗୁ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଅନେକ ଭଲ ମେଡ଼ିକାଲ ଖୋଲାଯାଇ ଲୋକଙ୍କୁ ଉତମ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଉଛି । ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ ହେଲେ ଓଡ଼ିଶାର ଗରିବ ଲୋକମାନେ ବିଭିନ୍ନ ହସ୍ପିଟାଲରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ । ଏହି ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡଃ ମନୋଜ ରଞ୍ଜନ ନାୟକ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବାସହ ସମ୍ ଅଲ୍ଟିମେଟ୍ ମେଡିକେୟାର୍ ର ସିଇଓ ଡ. ଶ୍ୱେତପଦ୍ମା ଦାସ ହସ୍ପିଟାଲ୍ ବାବଦରେ ତଥ୍ୟ ଉପସ୍ଥାପନ କରିଛନ୍ତି ଦେଶବାସୀଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର ଉଦ୍ଦେଶ୍ୟ ରଖି ସମ୍ ଅଲ୍ଟିମେଟ୍ ମେଡିକେୟାରର ମୂଳଦୁଆ ସ୍ଥାପନ କରାଯାଇଛି। ସେହିପରି ରୋଗୀଙ୍କ ଚିକିତ୍ସା ପାଇଁ ସର୍ବୋତମ ବ୍ୟବସ୍ଥା, ଜ୍ଞାନ କୌଶଳ ପର୍ଯ୍ୟବେସିତ ଉଚ୍ଚମାନର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ହାତକୁ ନିଆଯାଇଛି ବୋଲି ସୋଆ ପକ୍ଷରୁ କୁହାଯାଇଛି କାର୍ଯ୍ୟକ୍ରମ ଶେଷରେ ସମ୍ମାନିତ ଅତିଥିମାନଙ୍କୁ ସୋଆ ସଭାପତି ସମ୍ବର୍ଦ୍ଧିତ କରିଛନ୍ତି।

## ଶିଲଂରେ କର୍ଫ୍ୟୁ, ମୋବାଇଲ୍ ସେବା ୪୮ ଘଂଟା ପାଇଁ ସ୍ଥଗିତ

ଶିଲଂ,୨୯।୨(ପି.ଏନ): ମେଘାଳୟର ଶିଲଂ ଠାରେ ଖାସି ଷ୍ଟୁଡେଂଟସ ୟୁନିଅନର ଜଣେ ନେତାଙ୍କ ମୃତ୍ୟୁ ଏବଂ ୪ ଜଣଙ୍କ ମୃତ୍ୟୁ ପରେ ସମଗ୍ର ମେଘାଳୟରେ ଉତେଜନା ଦେଖାଦେଇଛି। ଉତେଜନାକୁ ଦୃଷ୍ଟିରେ ରଖି ପୂର୍ବ ଖାସି ପାହାଡ ଜିଲ୍ଲା ପ୍ରଶାସନ ପକ୍ଷରୁ ୪୮ ଘଂଟା ପାଇଁ କର୍ଫ୍ୟୁ ଘୋଷଣା କରାଯାଇଛି। ପରିସ୍ଥିତି ଆହୁରି ଖରାପ ନହେଉ ଏଇଥି ପାଇଁ ସତର୍କତାମୂଳକ ପଦକ୍ଷେପ ଭାବରେ ରାଜ୍ୟର ୬ ଟି ଜିଲ୍ଲାରେ ୪୮ ଘଂଟା ପାଇଁ ଇଂଟରନେଟ୍ ସେବା ସ୍ଥଗିତ ରଖାଯାଇଥିବା ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଯେ ନାଗରିକ ସଂଶୋଧନ ଅଧିନିୟମ ବିରୁଦ୍ଧରେ ଆୟୋଜିତ ଏକ ବୈଠକରେ ଶୁକ୍ରବାର ଦିନ ରାଜ୍ୟର ସୋହରା (ଚେରାପୁଞ୍ଜି) ରେ ଏହି ସଂଘର୍ଷ ଘଟିଥିଲା ଏବଂ ଖାସି ଛାତ୍ର ସଂଘ ଏବଂ ଅଣ-ଆଦିବାସୀ ସଂଗଠନର ପ୍ରତିନିଧିମାନେ ସଂଘର୍ଷ କରିଥିଲେ।

# ଆୟୁଷ୍ମାନ ଭାରତ ଯୋଜନାକୁ ଓଡିଶାରେ ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ ଧର୍ମେନ୍ଦ୍ର ପ୍ରଧାନ




ଭୁବନେଶ୍ୱର, ୨୯।୨(ପି.ଏନ): ଆୟୁଷ୍ମାନ ଭାରତ ଯୋଜନାକୁ ଓଡିଶାରେ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଅତ୍ୟାଧୁନିକ ସୁପର ସ୍ପେସାଲିଟି ଡାକ୍ତରଖାନା ସମ୍ ଅଲ୍ଟିମେଟ୍ ମେଡିକେୟାର୍ 'ସମ୍ମମ୍' ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସାମନାରେ ସେ ଏହି ଅନୁରୋଧ କରିଛନ୍ତି।ସେ କହିଛନ୍ତି ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାକୁ ଓଡିଶାରେ ଲାଗୁ କଲେ ରାଜ୍ୟର ଗରୀବ ଲୋକ ମାନେ ଏହି ଭଳି ଚିକିତ୍ସାଳୟରେ ଚିକିତ୍ସା ଲାଭ କରିବାର ସୁଯୋଗ ପାଇ ପାରିବେ।

## ବାଙ୍କୀ ଡବଲ ମର୍ଡର ମାମଲାରେ କଂଗ୍ରେସ ପକ୍ଷରୁ ୧୨ ଘଂଟିଆ ବନ୍ଦ ପାଳନ

ଭୁବନେଶ୍ୱର, ୨୯।୨(ପି.ଏନ): ବାଙ୍କୀ ଡବଲ ମର୍ଡର ମାମଲାରେ ପୋଲିସ ଦ୍ୱାରା କରା ଯାଇଥିବା ଜାଂଚର ପ୍ରଗତି ଉପରେ ଅସନ୍ତୋଷ ପ୍ରକାଶ କରି କଂଗ୍ରେସ ପକ୍ଷରୁ ୧୨ ଘଂଟିଆ ବାଙ୍କୀ ବନ୍ଦ ପାଳନ କରା ଯାଇଛି । ଏହା ଦ୍ୱାରା ସ୍ଥାନୀୟ ଅଂଚଳରେ ଜନଜୀବନ ପ୍ରଭାବିତ ହୋଇଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି । କଂଗ୍ରେସ କର୍ମୀ ମାନେ କଟକ – ବୈଦ୍ୟେଶ୍ୱର- କଳାପଥର ରୋଡ ଏ ଅନ୍ୟ ରାସ୍ତା ଗୁଡିକରେ ଟାୟାର ଜାଳି ସଡକ ଅବରୋଧ କରିଛନ୍ତି। ଅନ୍ୟ ପକ୍ଷରେ ବନ୍ଦକୁ ଆଖି ଆଗରେ ରଖି ପୋଲିସ ଦ୍ୱାରା ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରା ଯାଇଛି।

## ଭୁବନେଶ୍ୱରରୁ ୩୦ ଗ୍ରାମ୍ ବ୍ରାଉନ ସୁଗାର ଜବତ, ଦୁଇ ଗିରଫ

ଭୁବନେଶ୍ୱର, ୨୯।୨(ପି.ଏନ): କମିଶନରେଟ ପୋଲିସ ରାଜଧାନୀ ଭୁବନେଶ୍ୱରରୁ ପୁଣି ଥରେ ବ୍ରାଉନ ସୁଗାର ଜବତ କରିଛି। କମିଶନରେଟ ପୋଲିସର ଡ୍ରଗ୍ସ ଟାସ୍କ ଫୋର୍ସ ଧଉଳି ଅଂଚଳରୁ ୩୦ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। କମିଶନରେଟ ପୋଲିସ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦେଇଛି।ମିଳିଥିବା ସୂଚନା ଅନୁସାରେ ଜବତ କରାଯାଇଥିବା ବ୍ରାଉନ ସୁଗାରର ମୂଲ୍ୟ ୩ ଲକ୍ଷ ଟଙ୍କା ହେବ। ଏହି ମାମଲାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୬୦୦ ଟଙ୍କା ଓ ଗୋଟିଏ ବାଇକ୍ ଜବତ କରାଯାଇଥିବା ଜଣାପଡିଛି।

## ପ୍ରମୋଦ ମେହେର୍ଦ୍ଧା ହେଲେ ରାଜ୍ୟପାଳଙ୍କ ସଚିବ

ଭୁବନେଶ୍ୱର, ୨୯।୨(ପି.ଏନ): ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢୀ ଚକବନ୍ଦୀ କମିଶନର ଭାବେ ନିଯୁକ୍ତି ପାଇଥିବା ବେଳେ ପରିବହନ ବିଭାଗ ସଚିବ ପ୍ରମୋଦ ମେହେର୍ଦ୍ଧାଙ୍କୁ ରାଜ୍ୟପାଳଙ୍କ ସଚିବ ଭାବେ ଅବସ୍ଥାପିତ କରାଯାଇଛି।

# କୋଲାବ ନଦୀରେ ବୁଡ଼ି ତିନି କଲେଜ ଛାତ୍ରଙ୍କ ମୃତ୍ୟୁ

କୋରାପୁଟ, ୨୯।୨(ପି.ଏନ): କୋରାପୁଟ ନିକଟ କୋଲାବ ନଦୀରେ ବୁଡ଼ି ତିନି ଜଣ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି । ସମ୍ପୃକ୍ତ ତିନି ଛାତ୍ର କୋରାପୁଟ ସରକାରୀ ମହାବିଦ୍ୟାଳୟର ବୋଲି ଜଣାପଡିଛି । ମୃତକ ମାନେ ହେଲେ କମ୍ପ୍ୟୁଟର ସାଇନ୍ସ ବିଭାଗର ଛାତ୍ର ମନ୍ମଥ ସାମଲ, ସନ୍ଦିପ ପୂଜାରୀ ଏବଂ ରମାକାନ୍ତ ପଟ୍ଟନାୟକ । ମନ୍ମଥଙ୍କ ଘର କୋରାପୁଟରେ ହୋଇଥିବା ବେଳେ ସନ୍ଦିପ ଓ ରମାକାନ୍ତଙ୍କ ଘର ମାଲକାନଗିରି ଜିଲ୍ଲାରେ ବୋଲି ଜଣାପଡିଛି । ଜଣେ ବନ୍ଧୁଙ୍କ ଜନ୍ମଦିନ ପାଳିବାକୁ ଏମାନେ ଯାଇଥିଲେ । ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ୭ ଜଣ ଛାତ୍ର ନଦୀ କୂଳକୁ ବୁଲିବାକୁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ତିନି ଜଣ ଛାତ୍ର ନଦୀକୁ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ଗଭୀର ପାଣି ମଧ୍ୟକୁ ଗୋଡ଼ ଖସିଯିବାରୁ ସେମାନେ ପାଣିରେ ବୁଡ଼ି ଯାଇଥିଲେ । ଏହା ଦେଖି ନିକଟରେ ଉପସ୍ଥିତ ଥିବା ଅନ୍ୟ ସାଙ୍ଗମାନେ ତୁରନ୍ତ ଦମକଳବାହିନୀକୁ ଏ ସମ୍ପର୍କରେ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତିନି ଛାତ୍ରଙ୍କୁ ସଂଜ୍ଞାହିନ ଅବସ୍ଥାରେ ପାଣିରୁ ଉଦ୍ଧାର କରିଥିଲେ । ତୁରନ୍ତ ତିନି ଜଣଙ୍କୁ କୋରାପୁଟ ମେଡ଼ିକାଲ କଲେଜରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡ଼ାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ମାର୍ଚ୍ଚ ୩ରୁ ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର, ୨୯।୨(ପି.ଏନ): ଆସନ୍ତା ମାର୍ଚ୍ଚ ୩ ତାରିଖରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ। ଚଳିତ ବର୍ଷ ମୋଟ ୩ ଲକ୍ଷ ୫୦ ହଜାର ୮୦୦ ଛାତ୍ରଛାତ୍ରୀ ଯୁକ୍ତ ୨ ପରୀକ୍ଷା ଦେବେ। ଏଥିପାଇଁ ମୋଟ୍ ୧୧୪୩ ଟି ପରୀକ୍ଷା କେନ୍ଦ୍ର କରାଯାଇଛି ବୋଲି ସିଏଚଏସଇ ଅଧ୍ୟକ୍ଷ ଅମରେନ୍ଦ୍ର କୁମାର ପଟ୍ଟନାୟକ ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶ୍ରୀ ପଟ୍ଟନାୟକ ଦେଇଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ମାର୍ଚ୍ଚ ୩ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ। ଉଭୟ ରେଗୁଲାର ଓ ଏକ୍ସ ରେଗୁଲାରରେ କଳା ବିଷୟରେ ସର୍ବାଧିକ ୨ ଲକ୍ଷ ୨୦ ହଜାର ୪୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ବିଜ୍ଞାନରେ ୯୭ ହଜାର ୫୪୬ , ବାଣିଜ୍ୟରେ ୨୫ ହଜାର ୭୮୫ ଏବଂ ଧନ୍ଦାମୂଳକ ଶିକ୍ଷାରେ ୭ ହଜାର ୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷାଦେବେ। ପରୀକ୍ଷା ପରିଚାଳନା ପାଇଁ ୨୦୨ ଟି ଏକ୍ଜାମ୍ ମ୍ୟାନେଜମେଂଟ ହବ୍ କରାଯାଇଛି। ମୋଟ୍ ୧୧୪୩ ଟି ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ପରୀକ୍ଷା କେନ୍ଦ୍ରକୁ ଥିଓରୀ ପ୍ରଶ୍ନପତ୍ର ପହଂଚି ସାରିଛି। ଦ୍ୱିତୀୟ ପର୍ଯ୍ୟାୟ ପ୍ରଶ୍ନପତ୍ର ମାର୍ଚ୍ଚ ୧୧ରେ ପଠାଯିବ। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ସଂଯୋଗ କରାଯାଇଛି ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଆଜି ଠାରୁ ଟ୍ରାଫିକ୍ ନିୟମ କଡାକଡି : ଯାଂଚ କଡାକଡି କରିବାକୁ ପରିବହନ କମିଶନରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର ,୨୯।୨(ପି.ଏନ): ସଂଶୋଧିତ ମୋଟର ଯାନ ଆଇନ୍ ଲାଗୁ ପାଇଁ ଶନିବାର ଡେଡ୍ ଲାଇନ୍ ଶେଷ ହେଉଛି। ତେଣୁ ରବିବାର ଠାରୁ ଯାଂଚ କଡାକଡି କରିବାକୁ ପରିବହନ କମିଶନର ନିକୁଂଜ ଧଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ କମିଶନର ସମସ୍ତ ଜିଲ୍ଲାର ଜିଲ୍ଲାପାଳ , ଏସପି ଓ ଡିସିପି ମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। କମିଶନର କହିଛନ୍ତି ଯେ ଗାଡି ସମ୍ପର୍କିତ କାଗଜପତ୍ର ଠିକ୍ କରିବାକୁ ଜନସାଧାରଣଙ୍କୁ ୬ ମାସର ସମୟ ଦିଆଯାଇଥିଲା। ଏହା ଶେଷ ହୋଇଛି। ତେଣୁ ଆସନ୍ତାକାଲିଠାରୁ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ କଡାକଡି ଯାଂଚ କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ମଦ ପିଇ ଗାଡି ଚଳାଇବା , ଦ୍ରୁତ ଗତିରେ ଗାଡି ଚାଳନା , ବାଇକ୍ ରେ ୩ ଜଣ ଯାତ୍ରା କରିବା , ବିନା ହେଲମେଟ୍ ରେ ଦୁଇ ଚକିଆ ଚଳାଇବା , ଚାରି ଚକିଆ ଯାନରେ ସିଟ୍ ବେଲ୍ଟର ବ୍ୟବହାର କରିବା , ଓଭର ଲୋଡିଂ , ନାବାଳକ ଚାଳକ , ଗାଡି ଚଳାଇବା ବେଳେ ଫୋନ୍ ର ବ୍ୟବହାର , ଓଲଟା ରାସ୍ତାରେ ଗାଡି ଚଳାଇବା , ଓଭର ଲୋଡ୍ ସ୍କୁଲ ଗାଡି , ନାଲି ବତୀ ଉଲ୍ଲଘଂନ ଆଦି ବିଷୟରେ ଯାଂଚ କଡାକଡଇ କରିବାକୁ କମିଶନର କହିଛନ୍ତି। ସେହିପରି ଭିଡ କମାଇବାପାଇଁ ଏକସଙ୍ଗେ ୪ ଟି ଗାଡି ଯାଂଚ କରିବାକୁ କମିଶନର କହିଛନ୍ତି। ଗତ ଗୁରୁବାର ଏସମ୍ପର୍କରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଥିଲେ ଯେ ଦୁର୍ଘଟଣା ହାର କମାଇବାକୁ ଟ୍ରାଫିକ ନିୟମକୁ କଡ଼ାକଡ଼ି କରାଯିବ। ନୂଆ ନିୟମ ଅନୁଯାୟୀ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୭୦ ପ୍ରତିଶତ ପୋଲିସ୍ କର୍ମଚାରୀ ଗାଡି ଯାଂଚ କାର୍ଯ୍ୟରେ ନିୟୋଜିତ ହେବେ। ଅଧିକାଂଶ ଲୋକ କାଗଜପତ୍ର ଠିକ୍ କରାଇ ସାରିଲେଣି । ଆଉ ଆରଟିଓ ଅଫିସ୍ ରେ ଭିଡ ହେଉନାହିଁ ବୋଲି ମନ୍ତ୍ରୀ କହିଥିଲେ।ସୂଚନାଯୋଗ୍ୟ ଯେ ସେପ୍ଟେମ୍ବର ୧ ତାରିଖରେ କେନ୍ଦ୍ର ସରକାର ନୂତନ ମୋଟର ଯାନ ଆଇନ୍ ଲାଗୁ କରିବା ପରେ ସାଧାରଣରେ ଅସନ୍ତୋଷ ଦେଖାଦେବାରୁ ୩ ମାସ ଲେଖାଏଁ ୨ ଥର ପାଇଁ ନିୟମକୁ କୋହଳ କରାଯାଇଥିଲା। ତେଣୁ ମାର୍ଚ୍ଚ ପହିଲାରୁ ପୁଣି ଥରେ ରାଜ୍ୟରେ ଟ୍ରାଫିକ୍ ଚେକିଂ ଆରମ୍ଭ ହେବ। ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ ଚାଳକଙ୍କୁ ନୂଆ ନିୟମ ଅନୁଯାୟୀ ମୋଟା ଅଙ୍କର ଜୋରିମାନା ଗଣିବାକୁ ପଡିବ। ଏହାସହ ଜେଲ ଏବଂ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାର ମଧ୍ୟ ବ୍ୟବସ୍ଥା ରହିଛି। ନୂଆ ନିୟମ ଅନୁଯାୟୀ ସାଧାରଣ ଟ୍ରାଫିକ ନିୟମ ଭାଙ୍ଗିଲେ ଶହେ ଟଙ୍କା ଜରିମାନା ଦେବାକୁ ହେବ। ଦ୍ୱିତୀୟ ଥର ନିୟମ ଭାଙ୍ଗି ଧରାପଡ଼ିଲେ ୩ଶହ ଓ ତୃତୀୟ ଥର ଧରାପଡ଼ିଲେ ୫ ଶହ ଓ ଚତୁର୍ଥ ଥର ନିୟମ ଭାଙ୍ଗିଲେ ୧୫ ଶହ ଟଙ୍କା ଗଣିବାକୁ ପଡିବ। ସେହିପରି ଟ୍ରାଫିକ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବଜ୍ଞା କଲେ ୫ ଶହରୁ ୨ ହଜାର ଟଙ୍କା ଯାଏଁ ଜରିମାନା ଦେବେ ଉଲ୍ଲଂଘନକାରୀ । ଦ୍ରୁତଗତିରେ ଗାଡି ଚଳନା ପାଇଁ ୪ ଶହରୁ ୨ ହଜାର ଟଙ୍କା , ମୋବାଇଲରେ କଥା ହୋଇ ଗାଡ଼ି ଚଳାଉଥିଲେ ୫ ହଜାରରୁ ୧୦ ହଜାର ଟଙ୍କା ଯାଏଁ ଜରିମାନା ଆଦାୟ କରାଯିବ କାରର ସିଟ୍ ବେଲଟ ବାନ୍ଧିନଥିଲେ ହଜାରେ ଟଙ୍କା, ବିନା ସେଫଟି ବେଲଟରେ ୧୪ ବର୍ଷରୁ କମ ବୟସର ଶିଶୁଙ୍କ କାରରେ ନେଉଥିଲେ ୧ ହଜାର ଟଙ୍କା ଗଣିବାକୁ ପଡ଼ିବ।ସେହିଭଳି ଗୋଟିଏ ବାଇକରେ ୨ରୁ ଅଧିକ ବ୍ୟକ୍ତି ଯାଉଥିଲେ ୧ ହଜାର ଟଙ୍କା , ଗାଡ଼ି ଚାଳକଙ୍କ ସହ ପଛରେ ବସିଥିବା ବ୍ୟକ୍ତି ହେଲମେଟ ନ ପିନ୍ଧିଲେ ମଧ୍ୟ ୧ହଜାର ଟଙ୍କା ଜରିମାନା ,ରାସ୍ତାରେ ଗଲା ବେଳେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ିକୁ ବାଟ ନ ଛାଡ଼ିଲେ ୧୦ ହଜାର ଟଙ୍କାର ଜରିମାନା କରାଯିବ ବୋଲି ଚେତାଇ ଦେଇଛନ୍ତି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ।

# ଶ୍ରୀ ମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ



ପୁରୀ, ୨୯।୨(ପି.ଏନ): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଶନିବାର ସକାଳେ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି। ତାଙ୍କ ସହ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡଙ୍ଗୀ, ପ୍ରହଲାଦ ସିଂହ ପଟେଲ, ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ଡ. ସଂବିତ ପାତ୍ର, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ପାର୍ଟିର ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।ଶ୍ରୀ ଶାହ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ସେ ଏ ସମ୍ପର୍କିତ ଫଟୋ ଟ୍ୱିଟ କରି କହିଛନ୍ତି ପୁରୀକୁ ଆସିବା ସବୁବେଳେ ବିଶେଷ ରହିଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରୁ ଆଶୀର୍ବାଦ ନେଲି ବୋଲି ସେ ଟ୍ୱିଟରେ କହିଛନ୍ତି।

## ଅବସର ନେଲେ ଦିଲ୍ଲୀ ପୋଲିସ ମୁଖ୍ୟ ଅମୂଲ୍ୟ ପଟ୍ଟନାୟକ

ନୂଆଦିଲ୍ଲୀ, ୨୯।୨(ପି.ଏନ): ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକ ଶନିବାର ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ରାଜଧାନୀର କିଙ୍ଗସୱେ କ୍ୟାମ୍ପରେ ନୂତନ ପୋଲିସ ଲାଇନରେ ଅନୁଷ୍ଠିତ ପ୍ୟାରେଡରେ ସେ ଅଭିବାଦନ ଗ୍ରହଣ କରିଥିଲେ । ଏହି ସମୟରେ ତାଙ୍କ ସମ୍ବୋଧନରେ ସେ କହିଥିଲେ ଯେ ସେ ୩୫ ବର୍ଷ ସେବା ପରେ ଦିଲ୍ଲୀ ପୋଲିସରୁ ଅବସର ନେଉଛନ୍ତି । ସେ ତିନି ବର୍ଷ ଧରି ଦିଲ୍ଲୀ ପୋଲିସର ମୁଖ୍ୟ ଥିଲେ। ଏହି ବର୍ଷଗୁଡିକରେ, ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିବା ସମୟରେ ବହୁତ କିଛି ଶିଖିଥିବା କଥା କହିବା ସହ ବରିଷ୍ଠ ଅଧିକାରୀ ସହଯୋଗ ଦେଇଥିବାରୁ ଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି ଶ୍ରୀ ପଟ୍ଟନାୟକ ।

## କରୋନା ଆତଙ୍କ : ମୃତକଙ୍କ ସଂଖ୍ୟା ୨୮୩୫କୁ ବୃଦ୍ଧି

ନୂଆଦିଲ୍ଲୀ, ୨୯।୨(ପି.ଏନ): ଚୀନ୍ ରେ କରୋନା ଭାଇରସ୍ ଯୋଗୁଁ ପୁଣି ୪୭ ଲୋକଙ୍କର ମୃତ୍ୟୁ ହୋଇଛି। ଏଥିସହ ମୃତକଙ୍କ ସଂଖ୍ୟା ୨୮୩୫କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଆକ୍ରାନ୍ତଙ୍କ ସଂଖ୍ୟା ୭୯,୨୫୧ ରେ ପହଂଚିଛି ।ଚୀନ୍ ର ନ୍ୟାସନାଲ ହେଲ୍ଥ କମିଶନର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସୂଚନା ଅନୁଯାୟୀ ଶୁକ୍ରବାର ୪୨୭ ଜଣ କରୋନା ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଥିବା ରିପୋର୍ଟରୁ ଜଣାପଡିଛି। ଦେଶର ହୁବେଇ ଅଂଚଳ ଏହି ଭାଇରସ୍ ର ମୁଖ୍ୟ କେନ୍ଦ୍ର । ମୃତ ୪୭ ଜଣଙ୍କ ମଧ୍ୟରୁ ୪୫ ଜଣ ଏହି ସହରର ହୋଇଥିବା ବେଳେ ବେଜିଂ ଓ ହେନାନ୍ ର ଜଣେ ଜଣେ ମୃତକ ରହିଛନ୍ତି। ସେହିପରି ଶୁକ୍ରବାର ୨୪୮ ଜଣ କରୋନା ସନ୍ଦିଗ୍ଧ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ କରୋନା ଭାଇରସ୍ ରୁ ସୁସ୍ଥ ହୋଇଥିବା ୨ ହଜାର ୮୮୫ ଲୋକ ଶୁକ୍ରବାର ଘରକୁ ଫେରିଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୯,୦୦୨ ଜଣ ସୁସ୍ଥ ହୋଇଥିବା ଜଣାପଡିଛି। ସେହିପରି ଚୀନ୍ ବ୍ୟତୀତ ଭାରତ , ଆମେରିକା , ସିଙ୍ଗାପୁର , ଇଟାଲୀ ଏବଂ ଇରାନ୍ ଆଦି ଦେଶରେ ମଧ୍ୟ କରୋନା ସନ୍ଦିଗ୍ଧ ଚିହ୍ନଟ ହୋଇଛନ୍ତି।

## ଆଜିଠାରୁ ଭୁବନେଶ୍ୱର - କଟକ ମଧ୍ୟରେ ଚାଲିବ ଜନସାଧାରଣ ସ୍ପେସିଆଲ ଟ୍ରେନ୍

ଭୁବନେଶ୍ୱର, ୨୯।୨(ପି.ଏନ): ଟ୍ରେନ ଯାତ୍ରୀ ମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଭୁବନେଶ୍ୱର ଓ କଟକ ଦ୍ୱୈତ୍ୟ ନଗରୀ ସହିତ ଆଖପାଖ ଯାତ୍ରୀମାନଙ୍କ ଗମନାଗମନ ପାଇଁ ସୁବିଧା ଯୋଗାଇଦେବାକୁ ରେଳମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱର ଓ କଟକ ମଧ୍ୟରେ ଏକ ଜନସାଧାରଣ ସ୍ପେସିଆଲ ଟ୍ରେନ ଚଳାଚଳ କରାଇବାକୁ ସ୍ଥିର କରାଯାଇଛି। ପରୀକ୍ଷାମୂଳକ ଭାବେ ମାର୍ଚ୍ଚ ମାସ ପହିଲା ଠାରୁ ୩୧ ତାରିଖ ମଧ୍ୟରେ ଏହି ଟ୍ରେନ୍ ଗଡିବ। ପୂର୍ବତଟ ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୦୮୪୬୦ ଭୁବନେଶ୍ୱର-କଟକ ଜନସାଧାରଣ ସ୍ପେସିଆଲ ଟ୍ରେନ ଭୁବନେଶ୍ୱର ଠାରୁ ଅପରାହ୍ନ ୧ଟା୩୦ମିରେ ଛାଡି ବାରଙ୍ଗ ଓ ଗୋପାଳପୁର ବାଲିକୁଦା ମାର୍ଗ ଦେଇ କଟକ ଠାରେ ଅପରାହ୍ନ ୨ଟା୩୦ମିରେ ପହଂଚିବ। ଫେରିବା ମାର୍ଗରେ ଏହି ଟ୍ରେନ କଟକ ଠାରୁ ଅପରାହ୍ନ ୨ଟା୪୦ମି.ରେ ଛାଡି ନିର୍ଗୁଣ୍ଡି, ଗୁରୁଡ଼ିଝାଟିଆ, ରାଧାକିଶୋରପୁର, ନରାଜ ମାର୍ଥାପୁର ମାର୍ଗ ଦେଇ ଭୁବନେଶ୍ୱର ଠାରେ ଅପରାହ୍ନ ୫ଟା୨୦ମିରେ ପହଂଚିବ। ଭୁବନେଶ୍ୱର ଓ କଟକ ମଧ୍ୟରେ ଏହି ଟ୍ରେନ ବାଣୀବିହାର, ମଂଚେଶ୍ୱର, ପଟିଆ, ଭୁବନେଶ୍ୱର ନୂଆ, ବାରଙ୍ଗ, ଗୋପାଳପୁର ବାଲିକୁଦା ଓ କାଠଯୋଡ଼ି ଷ୍ଟେସନ ମାନଙ୍କରେ ରହଣି କରିବାକୁ ଥିବାବେଳେ ଫେରିବା ପଥରେ ଏହା କଟକ ଓ ଭୁବନେଶ୍ୱର ମଧ୍ୟରେ କେନ୍ଦ୍ରାପଡ଼ା ରୋଡ଼, ମଙ୍ଗୁଳି ଚୌଦ୍ୱାର, ନିର୍ଗୁଣ୍ଡି, ଶାଳଗାଁ, ଚରବାଟିଆ, ବଡପଦାଗାଁ, ଗୁରୁଡ଼ିଝାଟିଆ, ମାଛପୁର, ରାଧାକିଶୋରେପୁର, ଘଂଟିଖାଲ ନିଧିପୁର, ସର୍ପେଶ୍ୱର, ନରାଜ ମାର୍ଥାପୁର, ବାରଙ୍ଗ, ଭୁବନେଶ୍ୱର ନୂଆ, ପଟିଆ ମଂଚେଶ୍ୱର ଓ ବାଣୀବିହାର ଷ୍ଟେସନ ମାନଙ୍କରେ ରହଣି କରିବ। ଭୁବନେଶ୍ୱର ଓ କଟକ ମଧ୍ୟରେ ଏହି ସ୍ପେସିଆଲ ଟ୍ରେନ ଚଳାଚଳ ପାଇଁ ଏକ ମେମୁ ଟ୍ରେନ କୁ ଉପଯୋଗ କରାଯିବ। ଭୁବନେଶ୍ୱର ଓ କଟକ ଦ୍ୱୈତ୍ୟ ନଗରୀ ସହିତ ଆଖପାଖ ଯଥା ଚୌଦ୍ୱାର, ଆଠଗଡ଼, ବଡମ୍ବା, ନରସିଂହପୁର ଓ ଢେଙ୍କାନାଳ ଜିଲ୍ଲାର କିଛି ଅଂଚଳର ଯାତ୍ରୀମାନଙ୍କ ଗମନାଗମନ ପାଇଁ ସହାୟକ ହେବ ।

# ପ୍ରୋମିନେରାଲ କାରଖାନାରେ ଅନୀୟମିତତା: ରୁଜୁ ହେଉନାହିଁ ଫୌଜଦାରୀ ମାମଲା

କେନ୍ଦୁଝର, ୨୯।୨(ପି.ଏନ): ଖଣି ମହାଦୁର୍ନିତି ର ପର୍ଦ୍ଦାଫାଶ ପରେ ମଧ୍ୟ ଏବେ ବି ଜିଲ୍ଲାର ଖଣି ଉପତ୍ୟାକା ଅଞ୍ଚଳରେ ଚାଲିଥିବା ଖଣିଜ ପଦାର୍ଥର ବେଧଡକ ଚୋରାକାରବାର ଉପରେ ଲାଗି ପାରିନାହିଁ ଅଙ୍କୁଶ । କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ସ୍ଥିତ ବସନ୍ତପୁର ଠାରେ ପ୍ରତିଷ୍ଠିତ ପ୍ରୋ ମିନେରାଲ କାରଖାନା ଉପରେ ଯୋଡା ଖଣି ବିଭାଗ ଚଢାଉ କରି ଯାଞ୍ଚ କରିବା ସମୟରେ ବ୍ୟାପକ ଅନୀୟମିତତା ଧରାପଡିଛି। କାରଖାନା ପକ୍ଷରୁ ଷ୍ଟକ ଏକାଉଟଂ ରେ ଦର୍ଶାଇଥିବା ଗଛିତ ବିଭିନ୍ନ ଗ୍ରେଡର ଲୁହାପଥର ପରିମାଣ ଓ ଯାଂଚ ସମୟରେ ଗଛିତ ଲୁହାପଥର ପରିମାଣ ସହ ତାଳମେଳ ମିଳିନଥିଲା । ଫଳରେ କମ୍ପାନୀର ବେଆଇନ କାରବାର ଧରା ପଡିବା ପରେ ଏ ସଂପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ଖଣି ବିଭାଗ ପକ୍ଷରୁ ସରକାରଙ୍କୁ ଲେଖିଥିବା ସୂଚନା ଦିଆଯାଇଥିଲା । ଷ୍ଟକ ଏକାଉଟଂରେ ୮-୧୮ ଏମଏମ ଗ୍ରେଡ ସାଇଜ ଲୁହାପଥର ର ପରିମାଣ ୧୦୫୩୮.୬୮୧ ମେଟ୍ରିକ ଟନ ଥିବା ଦର୍ଶାଯାଇଥିଲେ ହେଁ ଯାଂଚ ବେଳେ ତାହା ନଥିବାର ଦେଖାଯାଇଥିଲା । ସେହିପରି ୦-୫ ଏମଏମ ସାଇଜ ଲୁହାପଥର ପରିମାଣ ଷ୍ଟକ ଖାତାରେ ୬୩୩୮.୫୩୧ ମେଟ୍ରିକ ଟନ ଦର୍ଶାଯାଇଥିବା ବେଳେ ଯାଂଚ ବେଳେ ୬୯୪୩. ୨୬୦ ମେଟ୍ରିକ ଟନ ଅର୍ଥାତ ୬୦୪.୭୨୯ ଏମଟି ଅଧିକ ଥିବା ଜଣାପଡିଥିଲା । ୫-୧୦ ଏମଏମ ସାଇଜ ଲୁହାପଥର ଷ୍ଟକ ରେ ଦର୍ଶାଯାଇନଥିବା ବେଳେ ଯାଂଚ ବେଳେ ୫୬୮୭.୫୭୦ ଏମଟି ବାହାରିଥିଲା ଯାହାକି ୫୬୮୭. ୫୭୦ ଏମଟି ଅଧିକ । ଅନୁରୁପ ଭାବେ ୦-୧୦ ଏମଏମ ଲୁହାପଥର ୧୧୦୭୨.୧୪୦ ଏମଟି ଥିବା ଦର୍ଶାଯାଇଥିବା ବେଳେ ଯାଂଚ ବେଳେ ୧୦୭୦୧. ୨୩୦ ଏମଟି ଥିବା ଜଣାପଡିଥିଲା । ଯାହାକି ୩୭୦.୯୧୦ ଏମ୍‌ଟି କମ ଥିଲା । ସେହିପରି ଷ୍ଟକ ରେ ନ ଥିବା ଅନ୍ୟ ଗ୍ରେଡ ର ୭୨୯୮. ୦୪୩ ଏମ୍‌ଟି ଲୁହାପଥର ଚଢାଉ ବେଳେ ମିଳିଥିଲା । ଷ୍ଟକରେ ଏଭଳି ବହୁଳ ପରିମାଣର ଲୁହାପଥରର ତାଳମେଳ ନ ରହିବା ଘଟଣାରେ ଖଣି ବିଭାଗକୁ ଆଶ୍ଚର୍ଯ୍ୟ ପ କରିଥିଲା । ତେବେ ଏସବୁର ମୂଲ୍ୟ ଲକ୍ଷ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହି ଘଟଣାକୁ ନେଇ ଖଣି ବିଭାଗ ଥାନାରେ ଏତଲା ଦେବା ପରିବର୍ତେ ଖଣି ନିର୍ଦ୍ଦେଶାଳୟକୁ ରିପୋର୍ଟ ଦେଇ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ଖୋଲାଖୋଲି ଆଲୋଚନା ହେଉଛି । ଏପରିକି କେନ୍ଦୁଝର ପୋଲିସ ପୂର୍ବରୁ ଖଣି ଚୋରାକାରବାରରେ ବହୁ ମାମଲା ରୁଜୁ କରି ବାହା ବାହା ନେଇଥିବା ବେଳେ ପ୍ରୋ ମିନେରାଲ ର ଅନୀୟମିତତା ଘଟଣାକୁ ନେଇ ମାମଲା ରୁଜୁ ନ କରି ଖଣି ବିଭାଗ ର ଏତଲା କୁ ଅପେକ୍ଷା କରିବା ସ୍ୱାଭାବିକ ଭାବେ ବେଶ ରହସ୍ୟପୁର୍ଣ୍ଣ ହୋଇ ପଡିଛି ।। ଏ ସମସ୍ତ ଖଣି ଓ ପୋଲିସ ବିଭାଗର ସଲାସୁତୁରା ରେ ଚାଲିଥିବା କୁ ନେଇ ହେଉଥିବା ଚର୍ଚ୍ଚାକୁ ସହଜେ ଏଡାଇ ଦିଆଯାଇପାରୁ ନାହିଁ । ଇତି ମଧ୍ୟରେ କାରଖାନାର ଚଳାଇବା ଲାଗି ରହିଥିବା ଅନୁମତିକୁ ଖଣି ବିଭାଗ ଦ୍ୱାରା ବାତିଲ କରାଯିବା ଧର୍ମକୁ ଆଖିଠାର ବୋଲି ସିଧା ସଳଖ ମତ ପ୍ରକାଶ ପାଇଛି । କାରଣ ଉକ୍ତ କାରଖାନା ଚାଲୁ ନ ଥିବା ବା ଆଗରୁ ବନ୍ଦ ଥିବା ଖଣି ବିଭାଗ କହୁଥିବା ବେଳେ କମ୍ପାନୀ ବିରୁଦ୍ଧରେ ଘଟଣା ଫୌଜଦାରୀ ମାମଲା ରୁଜୁ ନ କରି କେବଳ କାରଖାନା ଚଳାଇବା ଅନୁମୋତିକୁ ନିଲମ୍ବନ ବା ବାତିଲ କରାଯିବାର ମୂଲ୍ୟ କଣ ବୋଲି ଉଠିଛି ପ୍ରଶ୍ନ । ଅନ୍ୟ ପକ୍ଷରେ ରିଜେକ୍ଟ କରାଯାଇଥିବା ଲୁହାପଥର କୁ ବେଆଇନ ଭାବରେ ବିକ୍ରି କରିବା ଘଟଣାର ତଦନ୍ତ ଦାୟିତ୍ୱ ଭିଜିଲାନସ ବିଭାଗ ବିଭାଗକୁ ହସ୍ତାନ୍ତର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ଉଠିଛି । କାରଖାନାକୁ ଆସିଥିବା ୫/୮ ସାଇଜ ଲୁହାପଥର କୁ ରିଜେକ୍ଟ ଦର୍ଶାଇ ପରବର୍ତୀ ସମୟରେ ବିକ୍ରି ହୋଇଥିବା ଅଭିଯୋଗ ହୋଇଛି । ରିଜେକ୍ଟ ଲୁହାପଥର ଗୁଡିକ ୫୬ ଗ୍ରେଡ ର ରହିଥିବା ବେଳେ ଏହାକୁ ବିକ୍ରି କରିବା ପାଇଁ ଖଣି ବିଭାଗ ଅନୁମୋତି ଲୋଡା । ତେବେ କଂପାନୀ ପକ୍ଷରୁ ଦୁଇ ଜଣ କର୍ମଚାରୀଙ୍କ ଦ୍ୱାରା ଟନ ପିଛା ୯୦୦ ଟଙ୍କା ରେ ବିକ୍ରି ହୋଇଥିବା ଅଭିଯୋଗ କରାଯାଇ ତଦନ୍ତ ଦାବୀ କରାଯାଇଛି । ଏହା ଦ୍ୱାରା ସରକାର ଙ୍କ ବ୍ୟାପକ ରାଜସ୍ୱ ହାନୀ ଘଟିଛି । ସେହିପରି କାରଖାନାର ରୁ ବାହାରୁଥିବା କେମିକାଲ ଯୁକ୍ତ କାଦୁଅ କୁ ସଠିକ ଭାବରେ ପରିଚାଳନା କରାନଯାଇ କାରଖାନା ଭିତରେ ପକାଯାଇଥିବାରୁ ଏହା ଦ୍ୱାରା ଜମି ଓ ଭୂତଳ ଜଳ କ୍ଷତିଗ୍ରସ୍ତ ହେବା ନେଇ ଆଶଙ୍କା କରିଛନ୍ତି । ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ହେଉଛି ଯେ ପ୍ରୋମିନେରାଳ ର ଏତେବଡ ଅନିୟମିତତା ଘଟଣାରେ ଅଦ୍ୟବଧି କମ୍ପାନୀ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା ରୁଜୁ ନହେବା ଉପରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ଏହି ଘଟଣାର ଭିଜିଲାନସ ତଦନ୍ତ ହେଲେ ଅନେକ ଲୁକାୟତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ମତ ପ୍ରକାଶ ପାଉଛି । ଇତି ମଧ୍ୟରେ କମ୍ପାନୀ କର୍ତୃପକ୍ଷ ବିନା ଅନୁମତିରେ ଜଙ୍ଗଲ ଜମିରେ ବିଦ୍ୟୁତ ଖୁଟଂ ବସାଇ କାରଖାନାକୁ ତାର ଟାଣିବା ଭଳି ବେଆଇନ କାର୍ଯ୍ୟ କରୁଥିବା ନିକଟବର୍ତି ଚାରୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଜିଲ୍ଲା ପ୍ରଶାସନ , ବନ ବିଭାଗ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରୋ ମିନେରାଳର ଅନୈତିକ କାର୍ଯ୍ୟ ଉପରେ ଖଣି ଭାଗର ପଦକ୍ଷେପର ସ୍ୱଚ୍ଛତା ଉପରେ ଏବେ ବି ଜିଲ୍ଲାବାସୀଙ୍କ ସନ୍ଦେହ ରହିଛି ।








# ଟି ଟାଇମ୍

## କଇଁଛ ପେଟରୁ ବାହାରିଲା ୩ହଜାର ଟଙ୍କାର କଏନ

ବ୍ୟାଙ୍କକ ଭାରତରେ ଲୋକେ ନିଜ ମନସ୍କାମନା ପୂରଣ ପାଇଁ ପାଣିରେ କଏନ ଫିଙ୍ଗିଥାନ୍ତି। ହେଲେ ଭାରତରେ ନୁହେଁ ବିଦେଶରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳିଥାଏ। ତେବେ ପାଣିରେ ଟଙ୍କା ଫିଙ୍ଗିବା ସମୟରେ ଆମେ ଭୁଲିଯାଇଥାଉ ଯେ ପାଣି ଭିତରେ ଥିବା ଜୀବ ଉପରେ ଏହାର କି ପ୍ରଭାବ ପଡୁଥିବ। ଏଭଳି ଏକ ଘଟଣା ଥାଇଲାଣ୍ଡରେ ଦେଖିବାକୁ ମିଳିଛି। ନିକଟରେ ଥାଇଲାଣ୍ଡ ସମୁଦ୍ର ତଟରୁ ଏକ ଗୁରୁତର ଅସୁସ୍ଥ ଥିବା କଇଁଚଟିକୁ ଲୋକେ ଦେଖିଥିଲେ। ଏହି କଇଁଚଟିର ନାମ ବ୍ୟାଙ୍କ ହୋଇଥିବା ବେଳେ ସେ ନିୟମିତ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିଲା। ତେଣୁ ଅସୁସ୍ଥ ଏହି କଇଁଚଟିକୁ ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ଏହାର ସିଟି ସ୍କାନ କରିବା ପରେ ଦେଖିବାକୁ ପାଇଥିଲେ କଇଁଚଟିର ପେଟ ଭିତରେ ଅନେକ ପରିମାଣର ପୁରୁଣା ମୁଦ୍ରା ରହିଛି। ଯେଉଁ କାରଣରୁ ତା’ର ପେଟ ଭିତରେ ସଂକ୍ରମଣ ହୋଇଥିଲା। ଅପରେସନ ପରେ କଇଁଚ ପେଟରୁ ଏହି ମୁଦ୍ରା କଢାଯାଇଥିଲା। ପେଟ ଭିତରେ ଥିବା ଏହି ମୁଦ୍ରାର ପରିମାଣ ପାଖାପାଖି ୩ହଜାର ଟଙ୍କା ହେବ ବୋଲି ଜଣାପଡିଛି।

## ୨୦ କେଜି ଓଜନର ଶିଶୁ



ଉତ୍ତରପ୍ରଦେଶର କାନ୍ଧଲାର ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଏକ ଶିଶୁ ଏବେ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ୯ ମାସର ଏହି ଶିଶୁକନ୍ୟାର ଓଜନ ୨୦ କେଜି। ଉକ୍ତ ଶିଶୁକନ୍ୟାର ବଡ ଭଉଣୀ ମଧ୍ୟ ଏପରି ଝସନଦାର ହୋଇ ଜନ୍ମ ହୋଇଥିଲା। ସକାଳ ଜଳଖିଆ ଖାଇବା ପରେ ଏହି ଶିଶୁକଡ଼୍ୟାଟି ଦୁଇରୁ ତିନି ପଟ ରୁଟି ଖାଇଥାଏ। ଶିଶୁକଡ଼୍ୟାଟିର ଓଜନ ଏବେ ୨୦ କେଜି। ଏହି ଶିଶୁକନ୍ୟାର ଅଭିଭାବକ ଝାଡଖଣ୍ଡର ବୋକାରୋ ଷ୍ଟିଲ ସିଟିରେ ରହୁଥିବା ସବାନା ଓ ସଲିମ।

## ନଡିଆଖିଆ କଙ୍କଡା



କ୍ରିସମସ୍ ଆଇଲାଣ୍ଡ ନାନା ପ୍ରଜାତିର କଙ୍କଡାଙ୍କ ବାସସ୍ଥାନ। ସେଠାରେ ଦେଖାଯାଉଥିବା ଏକ ପ୍ରଜାତିର ବିଶାଳକାୟ କଙ୍କଡାର ନାମ ହେଉଛି କୋକୋନଟ୍ କ୍ରାବ୍ ବା ନଡିଆ କଙ୍କଡ। ଗଛରେ ଚଢ଼ି ନଡିଆ ଖାଉଥିବାରୁ ଏହି ନାମ ତାର ରହିଛି। ନଡିଆ କଙ୍କଡାର ଓଜନ ଚାରି କିଲୋ। ଲମ୍ବ ୧ ମିଟର। ଏଗୁଡିକ ଉଭୟ ଭୋଜୀ। ନଡିଆ ଛଡା ମୂଷା, ଛୋଟ କଇଁଛ ଆଦି ମାରି ଖାଇଥାନ୍ତି। ନଡିଆ କଙ୍କଡା ସତୁରି ବର୍ଷ ବଞ୍ଚିପାରେ। କ୍ରିସମସ୍ ଦୀପରେ ଏହାକୁ ମାରି ଖାଇବା ଦଣ୍ଡନୀୟ ଅପରାଧ। କେହି ଧରାପଡିଲେ ଜରିମାନା ବାବଦରେ ଭାରତୀୟ ମୁଦ୍ରାରେ ଦେବାକୁ ପଡେ ପ୍ରାୟ ସାଢ଼େ ତିନି ଲକ୍ଷ ଟଙ୍କା।

# ପୁରାଣ କାହାଣୀ

## ଶ୍ରୀରାମ ନବମୀ



ଚୈତ୍ର ଶୁକ୍ଲ ନବମୀ ରାମନବମୀ ରୂପେ ପରିଚିତ। ଏହିଦିନ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ କରାଯାଏ। ତ୍ରେତୟା ଯୁଗରେ ଅଯୋଧ୍ୟାର ରାଜା ଥିଲେ ଦଶରଥ। ତାଙ୍କର ତିନିରାଣୀ କୌଶଲ୍ୟା, କୈକେୟୀ ଓ ସୁମିତ୍ରା। ରାଜାଙ୍କର ବଡ଼ ଦୁଃଖ ଥିଲା ଯେ ତାଙ୍କର କୌଣସି ସନ୍ତାନ ନଥିଲେ। କୁଳଗୁରୁ ବଶିଷ୍ଠ ପ୍ରାର୍ଥୀତ ସନ୍ତାନ ପ୍ରାପ୍ତି ନିମନ୍ତେ ଋଷିଶୃଙ୍ଗଙ୍କ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞ କରିବାକୁ ଦଶରଥଙ୍କୁ ଉପଦେଶ ଦେଲେ। ବଶିଷ୍ଠ ଓ ଋଷିଶୃଙ୍ଗ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞ ସମାପନ ପରେ ଯଜ୍ଞେଶ୍ୱର ଯଜ୍ଞକୁଣ୍ଡରୁ ଆବିର୍ଭୂତ ହୋଇ ଦଶରଥଙ୍କୁ ଏକ ଚରୁଅନ୍ନପୂର୍ଣ୍ଣ ପାତ୍ର ପ୍ରଦାନ କରି ରାଣୀମାନଙ୍କୁ ସେବନ କରିବାକୁ କହିଲେ। ଦଶରଥ ଅଧା ଚରୁଅନ୍ନ କୌଶଲ୍ୟାଙ୍କୁ ଓ ଅନ୍ୟ ଅଧା ଭାଗକୁ କୈକେଇଙ୍କୁ ପ୍ରଦାନ କଲେ। କୌଶଲ୍ୟା ଓ କୈକେୟୀ ନିଜନିଜର ଚରୁଅନ୍ନର ଅଧାଭାଗରୁ କନିଷ୍ଠା ରାଣୀ ସୁମିତ୍ରାଙ୍କୁ ସେବନ କରିବାକୁ ଦେଲେ। ଏହାର କିଛିଦିନ ପରେ ତିନିରାଣୀ ଅନ୍ତଃସତ୍ତ୍ୱା ହେଲେ। ପବିତ୍ର ଚୈତ୍ର ନବମୀ ଦିନ ଦ୍ୱିପ୍ରହରରେ କୌଶଲ୍ୟା ପ୍ରଭୁ ରାମଚନ୍ଦ୍ରଙ୍କୁ, କୈକେୟୀ ଭରତଙ୍କୁ ଓ ସୁମିତ୍ରା ଯମଜ ସନ୍ତାନ ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କୁ ଜନ୍ମ ଦେଲେ। ବିଷ୍ଣୁଙ୍କ ସପ୍ତମ ଅବତାର ପ୍ରଭୁ ରାମଚନ୍ଦ୍ର ସ୍ୱଇଚ୍ଛାରେ ଅଧର୍ମର ବିଲୋପ କରିବାକୁ ପୃଥିବୀ ପୃଷ୍ଠରେ ଅବତରଣ କରିଥିଲେ।

## ପକେଟଖର୍ଚ୍ଚରୁ ପାଇଖାନା ବନାଇଛନ୍ତି ସ୍କୁଲ ଛାତ୍ରୀ



ଜାମସେଦପୁରରେ ନିଜ ପରିବାର ସହ ରହୁଥିବା ମନ୍ଦ୍ରିତା ଚାଟାର୍ଜୀଙ୍କ ବୟସ କେବଳ ୧୧ବର୍ଷ। ତାଙ୍କ ବୟସର ଅନ୍ୟ ପିଲା ମାନଙ୍କ ଭଳି ସେ ବି ସବୁ ଖେଳକୁଦ ଓ ଦୋଷତ୍ରୁଟି କରନ୍ତି। ହଠାତ୍ ତାଙ୍କ ସହ କଥା ହେଲେ ତାଙ୍କର ଝୁଙ୍କ୍ ଓ ସେ କରୁଥିବା ଭଲ କାମ ବିଷୟରେ ଆପଣ ହଠାତ୍ ଜାଣିପାରିବେ ନାହିଁ। ହେଲେ ଏହି କୁନି ବୟସରେ ମନ୍ଦ୍ରିତା ଏପରି କାମ କରିବା ଆରମ୍ଭ କରିଛନ୍ତି ଯାହା ତାଙ୍କୁ କେବଳ ଜାମସେଦପୁର ନୁହେଁ ପୂରା ଝାଡଖଣ୍ଡରେ ବିଶେଷ ପରିଚିତି ଆଣିଦେଇଛି। କଥା ହେଲା ସେ ନିଜେ ପାଉଥିବା ପକେଟମନିକୁ ପାଇଖାନା ବନାଇବା ପାଇଁ ପ୍ରଦାନ କରୁଛନ୍ତି। ଦୁର୍ଗାପୂଜା ହେଉ ବା ସେପରି କିଛି ବଡ ଉତ୍ସବ ବେଳେ ଖର୍ଚ୍ଚ ପାଇଁ ଯେଉଁ ଅଧିକା ଟଙ୍କା ମିଳେ ତାହାକୁ ସେ ଏବେ ପୂରା ଲଗାଇ ଦେଉଛନ୍ତି ପାଇଖାନା ନିର୍ମାଣ ପାଇଁ ସହଯୋଗ କରିବା କାମରେ। ଜାମସେଦପୁର ସହରର ହିଲଟପ୍ ସ୍କୁଲରେ ୫ମ ଶ୍ରେଣୀରେ ପଢନ୍ତି ମନ୍ଦ୍ରିତା। ସ୍ୱଚ୍ଛ ଭାରତ ଅଭିଯାନ ଅଧିନରେ ପ୍ରଧାନମନ୍ତ୍ରୀ ଦେଇଥିବା ଭାଷଣ ତାଙ୍କୁ ବଡ ପ୍ରଭାବିତ କରିଛି। ଟଏଲେଟ ନଥିବା କାରଣରୁ ବହୁ ଝିଅ ପିଲା ସ୍କୁଲ ଛାଡୁଥିବା ଜାଣି ସେ ଚକିତ ହେବା ସହ ଏ ଦିଗରେ କାର୍ଯ୍ୟ କରିବାକୁ ମନରେ ସ୍ଥିର କରିଥିଲେ। ସେ ପ୍ରାୟ ଏକବର୍ଷ ନିଜ ପକେଟମନି ସଞ୍ଚୟ କରି ୨୪ହଜାର ଟଙ୍କା ଜମା କରିପାରିଥିଲେ। ସେହି ଅର୍ଥରେ ଇସ୍ପାତନଗରୀ ପାଖ କେନ୍ଦ୍ରାଡିହି ଗାଁରେ ଦୁଇଟି ଟଏଲେଟ ବନାଇ ଦେଇଛନ୍ତି। ଯାହା ଏବେ ସେ ଗାଁର ପ୍ରାୟ ୩୫୦ଜଣଙ୍କର ବ୍ୟବହାରରେ ଆସୁଛି। ପ୍ରଥମେ ତାଙ୍କ ବାପା ମା’ଙ୍କୁ ନିଜ ଲକ୍ଷ୍ୟ ବିଷୟରେ କହିନଥିଲେ ମନ୍ଦ୍ରିତା। ତେବେ କିଛିଦିନ ବ୍ୟବଧାନରେ ସେ ଘରୁ ଟଙ୍କା ମାଗିବାରୁ ତାଙ୍କ ବାପା ମା’ ଆଶ୍ଚର୍ଯ୍ୟ ହୋଇ କାରଣ ପଚାରିବାରୁ ମନ୍ଦ୍ରିତା ତାହା ବତାଇଥିଲେ। ସେ ଟଏଲେଟ ନିର୍ମାଣ ପାଇଁ ଟଙ୍କା ଚାହୁଁଥିବା ଜାଣି ପ୍ରଥମେ ଆଶ୍ଚର୍ଯ୍ୟ ହୋଇଥିଲେ ତାଙ୍କ ବାପା ଅମିତାଭ ଚାଟାର୍ଜୀ। କେବଳ ଟଏଲେଟ ନିର୍ମାଣ କରିଦେଇ କାମ ଶେଷ ବୋଲି ଭାବିନାହାନ୍ତି ମନ୍ଦ୍ରିତା। ସେ ସମୟ ପାଇଲେ କେନ୍ଦ୍ରାଡିହି ଗାଁକୁ ଯାଇ ସ୍ୱଚ୍ଛତା ସମ୍ପର୍କରେ ଗାଁ ଲୋକଙ୍କୁ ସଚେତନ କରୁଛନ୍ତି। ଏବେ ତାଙ୍କ ପାଖରେ ଜମିଯାଇଥିବା ଟଙ୍କାରେ ଆଉ ଏକ ଗାଁ ହାଲୁବାଣୀରେ ଟଏଲେଟ ନିର୍ମାଣ କରିଦେବା କାମ ସେ ଆରମ୍ଭ କରାଇବାକୁ ଯାଉଛନ୍ତି। ରାଜ୍ୟ ସରକାର ନିକଟରେ ତାଙ୍କୁ ସାନିଟେସନ ଚମ୍ପିୟାନ୍ ଉପାଧିରେ ଭୂଷିତ କରି ସମ୍ମାନିତ କରିଛନ୍ତି। ଏହି ଛୋଟିଆ ଝିଅର ବଡ କାମର ଚର୍ଚ୍ଚା ଏବେ ପୂରା ଜାମସେଦପୁର ସହରରେ।

## ବୁଶ୍ ଗାର୍ଲ



ବାଘକୁ ଯେ କେହି ଦେଖିଲେ ଭୟରେ ପଳାୟନ କରିଥାନ୍ତି। କିନ୍ତୁ ଏପରି ଏକ ସ୍ଥାନ ଅଛି ଯେଉଁଠି ବାଘମାନେ ଯୁବତୀଙ୍କୁ ଦେଖିଲେ ଆପେ ଆପେ ପଳାଇଯାଇଥାନ୍ତି। ନାମିବିୟାରରେ ‘ବୁଶ ଗାର୍ଲ’ ନାମରେ ପରିଚିତ ଏହି ଯୁବତୀ ଜଣକ ବାଘ କିମ୍ବା ଚିତାକୁ ଟିକେ ବି ଡରେ ନାହିଁ। ବୁଶମେନ୍ ସମ୍ପ୍ରଦାୟର ହୋଇଥିବାରୁ ଏହି ଯୁବତୀଙ୍କୁ ବୁସ୍ ଗାର୍ଲ ନାମରେ ସମ୍ବୋଧନ କରାଯାଇଛି। ନାମିବିୟାର ଲୋକପ୍ରିୟ ସଂରକ୍ଷଣବାଦୀ ଟିଭି କାର୍ଯ୍ୟକ୍ରମରେ କାର୍ଯ୍ୟରତ ମାଲିସି ବିଗତ ୩୦ ବର୍ଷ ହେବ ଏହି ବନ୍ୟ ଜୀବଯନ୍ତୁଙ୍କ ସହ ଚଳିଆସୁଛନ୍ତି। ପ୍ରକୃତରେ ମଲିସିଙ୍କର ନ୍ୟାସନାଲ ପାର୍କ ପାଖରେ ତାଙ୍କ ପିତାଙ୍କର ଏକ ଫାର୍ମ ହାଉସ୍ ରହିଥିଲା ଏବଂ ସେଠାରେ ସେ ୯ଟିରୁ ଅଧିକ ଜଙ୍ଗଲି ଚୀତା ବାଘଙ୍କ ସଙ୍ଗରେ ରହିଆସୁଥିଲେ। ସେତେବେଳେ ମାଲିସିସ୍ ବିନା ଡରରେ ନିଜର ମୋଟର ସାଇକେଲରେ ଚିତାବାଘ ନିକଟକୁ ଚାଲିଯାଇଥାନ୍ତି ଏବଂ ଚିତା ଆକ୍ରମଣ ପରିବର୍ତ୍ତେ ମେଲିସିଙ୍କୁ ଡରି ପଳାୟନ କରିଥାଏ। ସୋସିଆଲ୍ ସାଇଟ୍‌ରେ ଏହାର ପ୍ରଭାବ ବେଶ୍ ଚର୍ଚ୍ଚିତ ହେବାରେ ଲାଗିଛି।

## ମିଳିଲା କୋଟିଏ ବର୍ଷ ତଳର ଡାଇନାସୋର ପଦଚିହ୍ନ



ବିଶ୍ୱର ବିଭିନ୍ନ ସ୍ଥାନରୁ ଭିନ୍ନ ଭିନ୍ନ ସମୟରେ ଅନେକ ଐତିହାସିକ ସାମଗ୍ରି ମିଳିବାର ଆମେ ଦେଖିଛେ। ଯାହା ଖାଲି ସାଧାରଣ ଲୋକନୁହେଁ ଗବେଷକ ଏବଂ ବୈଜ୍ଞାନିକମାନଙ୍କୁ ମଧ୍ୟ ଦ୍ୱନ୍ଦରେ ପକାଇଥାଏ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତର ଅଷ୍ଟ୍ରେଲିଆରେ। ଏଠାରେ ଏକକୋଟି ବର୍ଷ ତଳୁ ବିଲୁପ୍ତ ହୋଇଥିବା ଏକ ବିରଳ ପ୍ରଜାତିର ଡାଇନାସୋରର ପଦଚିହ୍ନ ମିଳିଛି। କୁଇନ୍ସଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ଜୀବାଶ୍ମ ବିଭାଗର ବୈଜ୍ଞାନିକ ନିଜ ଟିମ ସହ ଅଷ୍ଟ୍ରେଲିଆର ଜୁରାସିକ ପାର୍କରେ ରିସର୍ଚ୍ଚ କରୁଥିଲେ। ଏହି ସମୟରେ ସେମାନଙ୍କର ନଜର ପଡିଥିଲା ଏକ ପଦ ଚିହ୍ନ ଉପରେ। ଏହାର ଆକାର ୫ଫୁଟ ୯ଇଞ୍ଚ ଥିଲା। ଏକ ମଣିଷର ଉଚ୍ଚତା ଠାରୁ ମଧ୍ୟ ଅଧିକ ଥିଲା। ଗବେଷଣା ପରେ ଜଣାପଡିଲା ଯେ ଏହା ଏକ ଡାଇନାସୋରର ପାଦଚିହ୍ନ। କୋଟିଏ ବର୍ଷ ତଳୁ ଏହି ପ୍ରଜାତିର ଡାଇନାସୋର ଏଠାରେ ବସବାସ କରୁଥିଲେ। ତେବେ ଖାଲି ଏତିକି ନୁହେଁ ଏହାର ଆଖପାଖ ଅଞ୍ଚଳରେ ୨୧ପ୍ରକାରର ଭିନ୍ନଭିନ୍ନ ଚିହ୍ନ ମିଳିଥିଲା ସେମାନଙ୍କୁ। ଯାହା ଗବେଷଣାକୁ ଆହୁରି ଏକ ରୋଚକମୂଳକୁ ନେଇଯାଇଛି।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ମାଙ୍କଡଙ୍କ ପାଇଁ ଝିଅ ରହୁଛନ୍ତି ବାଡୁଅ

ମାଙ୍କଡ ମାନଙ୍କ ପାଇଁ ଅବିବାହିତ ରହୁଛନ୍ତି ଝିଅମାନେ। ଏପରିକି ଗାଁକୁ ବରଯାତ୍ରୀ ଯିବା ପାଇଁ ଡରୁଛନ୍ତି ଲୋକେ। ଏଭଳି ଏକ ଆଶ୍ଚର୍ଯ୍ୟ ଜନକ ଘଟଣା ସାମ୍ନାକୁ ଆସିଛି ବିହାରର ଭୋଜପୁର ଜିଲ୍ଲାରୁ। ଗାଁରେ ମାଙ୍କଡ ଭୟ ଏତେ ଯେ ଅବିବାହିତ ଝିଅଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଅନେକ ଉପାୟ କଲା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବଂର ମାଙ୍କଡମାନଙ୍କ ଉପଦ୍ରବ ଆସ୍ତେ ଆସ୍ତେ ବଢ଼ିବାରେ ଲାଗିଛି। କୌଣସି ବି ବରଘର ଲୋକ ଏହି ଗାଁକୁ ଯିବା ପାଇଁ ରାଜି ହେଉ ନାହାଁନ୍ତି। କିଛି ବର୍ଷ ପୂର୍ବରୁ ରତନପୁରୀ ଗାଁକୁ ବରଯାତ୍ରୀ ବ୍ୟାଣ୍ଡ ବାଜା ସହ ଆସିଥିଲେ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଯେପରି ଗାଁକୁ ବରଯାତ୍ରୀମାନେ ପ୍ରବେଶ କରିଛନ୍ତି ମାଙ୍କଡମାନଙ୍କ ଗ୍ୟାଙ୍ଗ ସେମାନଙ୍କୁ ଆକ୍ରମଣ କରିଥବଲେ। ପ୍ରଥମେ ସେମାନେ ମାଙ୍କଡମାନଙ୍କୁ ଘଉଡାଇବା ପାଇଁ ପ୍ରୟାସ କରିଥିଲେ କିନ୍ତୁ ଯେତେବେଳେ ମାଙ୍କଡ ଗ୍ୟାଙ୍ଗ୍ ଆକ୍ରମଣାତ୍ମକ ବ୍ୟବହାର କରିଥବଲେ, ବରଯାତ୍ରୀ ଜୀବନ ବଞ୍ଚାଇ ସେଠାରୁ ପଳାଇ ଯାଇଥିଲେ। ଗାଁର ମୁଖିଆଙ୍କ କହିବା ଅନୁସାରେ ମାଙ୍କଡ ଗ୍ୟାଙ୍ଗର ଉପଦ୍ରବ ଯୋଗୁଁ ଅନ୍ୟ ଗାଁ ଲୋକେ ଏହି ଗାଁକୁ ବିବାହ କରିବା ପାଇଁ ରାଜି ହେଉ ନାହାନ୍ତି।

## ୩୮ଲକ୍ଷ ଜୋରିମାନା



ଫିନଲାଣ୍ଡରେ ଦ୍ରୁତ ବେଗରେ ଗାଡ଼ି ଚଳାଇବା ହେତୁ ବ୍ୟବସାୟୀ ରେଇମା କୁସଲାଙ୍କୁ ୩୮ଲକ୍ଷ ଟଙ୍କାର ଜୋରିମାନା ଦେବାକୁ ପଡ଼ିଛି। ସେ ନିର୍ଦ୍ଧାରିତ ୮୦ କିଲୋମିଟର ପରିବର୍ତ୍ତେ ୧୩୦ କିମି ବେଗରେ ଗାଡ଼ି ଚଳାଉ ଥିଲେ। ଫିନଲାଣ୍ଡରେ ଆୟ ଅନୁଯାୟୀ ଜୋରିମାନାର ମୂଲ୍ୟ ଧାର୍ଯ୍ୟ କରାଯାଇଥାଏ। ଯାତାୟତ ଅଧିକାରୀମାନେ ରେଇମାଙ୍କ ଟ୍ୟାକ୍ସ ରିଟର୍ଣ୍ଣର ଫାଇଲ ଦେଖିଥିଲେ। ତାଙ୍କ ଆୟ ପାଖାପାଖି ୪୫ କୋଟି। ତେଣୁ ଏହି ଆଧାରରେ ତାଙ୍କୁ ୩୮ଲକ୍ଷ ଟଙ୍କା ଜୋରିମାନା ଦେବାକୁ ପଡ଼ିଥିଲା।




# ଜୀବନକୁ ନେଇ ଖେଳ

ଜଳ ହିଁ ଜୀବନ । ଜଳ ଦୂଷିତ ହେଲେ ମୃତ୍ୟୁ କେତେ ଯେ ନିକଟବର୍ତ୍ତୀ ହୁଏ ତାହା କହିବାର ଆବଶ୍ୟକତା ନାହିଁ । ତେଣୁ ଯୁଗେ ଯୁଗେ ଜଳକୁ ଅମୃତ ନାମରେ ନାମିତ କରି ଏହାର ସୁରକ୍ଷା ପାଇଁ ମାନବ ସମାଜ ଉଦ୍ୟମ କରିଆସିଛି । ବର୍ତ୍ତମାନ ସମୟରେ ଜନସଂଖ୍ୟାର ବୃଦ୍ଧି, ଶିଳ୍ପାୟନ, ଜଙ୍ଗଲ ଧ୍ୱଂସ, ବାସଗୃହ ପାଇଁ ଜଳାଶୟ ଏବଂ ଜଙ୍ଗଲ ଆଦିର ବିଲୋପ ଭଳି ଘଟଣା ଗୁଡିକ ଏକ ସାଧାରଣ କଥାରେ ପରିଣତ ହୋଇଯାଇଛି । ଅନ୍ୟପକ୍ଷରେ ଏହି କାରଣ ଯୋଗୁଁ ଭୂପୃଷ୍ଠ ତଥା ଭୂଗର୍ଭସ୍ଥ ଜଳ କ୍ରମଶଃ ଦୂଷିତ ହୋଇଚାଲିଛି । କେତେକ କ୍ଷେତ୍ରରେ ସାଧାରଣ ଭାବେ ନଦୀ, କେନାଲ, ଗଡିଆ, ପୋଖରୀ, କୂଅ ଆଦିର ଜଳ ସିଧାସଳଖ ବର୍ତ୍ତମାନ ପାନୀୟ ଉପଯୋଗୀ ନୁହେଁ । ଗୋଟିଏ ଦିଗରେ ଶିଳ୍ପାୟନ ଏବଂ ଜନସଂଖ୍ୟାର ବୃଦ୍ଧି ଘଟି ଚାଲିଥିବା ବେଳେ ଅନ୍ୟପକ୍ଷରେ ଧାର୍ମିକ ପର୍ବ ପର୍ବାଣୀ ଏବଂ ଉତ୍ସବ ଗୁଡିକରେ ଲୋକମାନଙ୍କର ଅଂଶଗ୍ରହଣ ମଧ୍ୟ ବଢିଚାଲିଛି । ବିଶେଷ କରି ଓଡିଶାରେ ବିଭିନ୍ନ ପର୍ବ ପର୍ବାଣୀର ମୂର୍ତ୍ତି ଓ ମେଢ ସଂଖ୍ୟା ଅହେତୁକ ଭାବେ ବଢି ଚାଲିଥିବା ବେଳେ ଏସବୁର ବସର୍ଜନ ପରିବେଶ ଜନିତ ସମସ୍ୟା ସୃଷ୍ଟିକରିଛି । ତେଣୁ ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା, ପୁରୀ ଭଳି ସ୍ଥାନରେ ମୂର୍ତ୍ତି ବିସର୍ଜନ ପାଇଁ ସ୍ୱତନ୍ତ୍ର ଜଳାଶୟ ଖୋଳାଯାଉଛି । ଜଳାଶୟ ଗୁଡିକ ଯେଉଁ ସ୍ତର ପର୍ଯ୍ୟନ୍ତ ଦୂଷିତ ହୋଇଗଲାଣି ତାକୁ ବର୍ତ୍ତମାନ ପ୍ରତ୍ୟେକ୍ଷ ପାନୀୟ ଉପଯୋଗୀ କରିବା ହୁଏତ ସମ୍ଭବ ନୁହେଁ । ତେଣୁ ପାରମ୍ପରିକ ଜଳାଶୟ ଗୁଡିକରୁ ସ୍ୱତନ୍ତ୍ର ଟାଙ୍କିକୁ ଅଣାଯାଇ ଜଳକୁ ବିଶୋଧନ କରାଯାଉଛି । ଏବେ ଆମ ରାଜ୍ୟରେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ଜଳାଶୟ ଗୁଡିକ ଅତିମାତ୍ରାରେ ଦୂଷିତ ହେଉଛି । କାର୍ତ୍ତିକ ପୂର୍ଣ୍ଣମା ଓଡିଆମାନଙ୍କର ଧାର୍ମିକ ମନୋଭାବ ତଥା ଇତିହାସ ଓ ସାଂସ୍କୃତିକ ଚେତନା ସହ ଜଡିତ । ଓଡିଆମାନେ ଦରିଆପାରି ବାଣିଜ୍ୟ ବ୍ୟବସାୟ କରି ବଣିକ ଭାବେ ପରିଚିତ ଥିଲେ ଏବଂ କାର୍ତ୍ତିକ ପୂର୍ଣ୍ଣମୀ ଦିନ ସେମାନେ ଦରିଆପାରି ବାଣିଜ୍ୟ ଯାତ୍ରା ଆରମ୍ଭ କରୁଥିଲେ ବୋଲି ଧାର୍ମିକ ଏବଂ ସାମାଜିକ ବିଶ୍ୱାସ ରହିଛି । ତେଣୁ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପଞ୍ଚକ ଭାବରେ ଅତି ଧାର୍ମିକ ନିଷ୍ଠାର ସହ ପାଳନ କରି ପୂର୍ଣ୍ଣମୀ ଦିନ ପ୍ରତ୍ୟୁଷରୁ ଦରିଆପାରି ବାଣିଜ୍ୟର ସନ୍ତକ ସ୍ୱରୂପ ଯେ କୌଣସି ଜଳାଶୟରେ କଦଳୀ ପଟୁଆ ନିର୍ମିତ ଡଙ୍ଗାଟିଏ ଭସାଇ ଆସନ୍ତି । ଏବେ ଏହି ପରମ୍ପରାକୁ ବହୁସଂଖ୍ୟକ ଲୋକ ପାଳନ କରୁଥିବାରୁ ପାରମ୍ପରିକ ଜଳଉତ୍ସଗୁଡିକ କାର୍ତ୍ତିକ ପୂର୍ଣ୍ଣମା ଦିନ ଡଙ୍ଗାମୟ ହୋଇଯାଉଛି । ଏହି ଡଙ୍ଗାଗୁଡିକ କଦଳୀ ପଟୁଆ, ସୋଲ, ପଲିଥିନ ଜରି, ଥର୍ମୋକୁଲ, କାଉଁରିଆ କାଠି, ବାଉଁଶ, ସିନ୍ଥେଟିକ୍ ଭାସମାନ ଦ୍ରବ୍ୟ ଆଦିରେ ତିଆରି ହେଉଛି । କାର୍ତ୍ତିକ ପୂର୍ଣ୍ଣମା ଦିନ ଠାରୁ ଏହି ଡଙ୍ଗାଗୁଡିକ ସେହି ଜଳାଶୟ ଗୁଡ଼ିକରେ ପଡି ପଚି ପାଣିରେ ମିଶିବା ପର୍ଯ୍ୟନ୍ତ କଥା ଯାଏ । ଏହାକୁ କେହି ଜଳଉତ୍ସ ଗୁଡିକରୁ ବାହାର କରନ୍ତି ନାହିଁ । ଏହି କ୍ଷୁଦ୍ର କ୍ଷୁଦ୍ର ଡଙ୍ଗା ଗୁଡିକରେ ଧୂପ, ଘିଅ ଦୀପ, ଅରୁଆ ଚାଉଳ, ମୁଦ୍ରା, କଦଳୀ ,ସେଓ ଆଦି ଫଳ, ଧୂପକାଠି, ଫୁଲ, ଚନ୍ଦନ, ବିରି ଆଦି ଶସ୍ୟ ନୈବେଦ୍ୟ ଭାବେ ଦିଆଯାଉଥିବାରୁ ଏସବୁ ଜଳରେ ମିଶିଯିବା ପରେ ଜଳ ଅତିମାତ୍ରାରେ ଦୂଷିତ ହୋଇଥାଏ । ଘିଅ ଦୀପ ଜଳକୁ ଦୂଷିତ କରିବାରେ ସବୁଠାରୁ ଅଧିକ ସହାୟକ ହୋଇଥାଏ । ଘିଅ ଦୀପ ଜଳ ସଂସ୍ପର୍ଶରେ ଆସିଲେ ମାଇକ୍ରୋସିଷ୍ଟିସ୍ ନାମକ ଏକ ଅଣୁଜୀବ ଜନ୍ମ ନେଇଥାଏ । ଏଗୁଡିକର ପରିମାଣ ଜଳରେ ଅଧିକ ହେଲେ ଜଳ ପ୍ରଥମେ ନୀଳ ବର୍ଣ୍ଣ ଧାରଣ କରେ ଏବଂ ଏଗୁଡିକର ମୃତ୍ୟୁ ପରେ ଜଳ ପେଜ ଭଳି ରଙ୍ଗ ଧାରଣ କରେ । ବିଶେଷତଃ ଯେଉଁ ଆବଦ୍ଧ ଜଳରେ ପୂଜାପାଠ, ତର୍ପଣ ଆଦି କରାଯାଇ ଘିଅଦୀପକୁ ଫିଙ୍ଗି ଦିଆଯାଏ ସେହିଠାରେ ଜଳ ଅଧିକ ପରିମାଣରେ ଏଭଳି ଦୂଷିତ ହୋଇଥିବାର ଦେଖାଯାଏ । ମାଇକ୍ରୋସିଷ୍ଟିସ୍ ଗୁଡିକ ଅଧିକ ପରିମାଣରେ ମୃତ୍ୟୁବରଣ କଲେ ଜଳ ଦୁର୍ଗନ୍ଧଯୁକ୍ତ ହୋଇଥାଏ । ବର୍ତ୍ତମାନ ସମଗ୍ର ଦେଶରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଚାଲୁଥିବା ସ୍ଥଳେ ଧାର୍ମିକ ଏବଂ ସାମାଜିକ ପରମ୍ପରା ଭାବେ ଆମେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ପାରମ୍ପରିକ ଜଳଉତ୍ସ ଗୁଡିକୁ ଆବର୍ଜନାମୟ କରୁଛୁ । ଏସବୁକୁ ସଫା କରିବା ପାଇଁ ଚିନ୍ତା କରୁନାହୁଁ । ବର୍ତ୍ତମାନ ସହରାଞ୍ଚଳରେ ଅଧିକାଂଶ କୂଅ ପୋତା ହୋଇଗଲାଣି କିମ୍ବା ଆଦୌ ବ୍ୟବହାର ହେଉନାହିଁ । ଗଡିଆ ପୋଖରୀଗୁଡିକ ପୋତା ହୋଇ ସେହି ସ୍ଥାନରେ ଘର ତିଆରି ହୋଇଗଲାଣି । ନଦୀ ନାଳ କଡରେ ବେଆଇନ ଭାବେ କୋଠା ନିର୍ମାଣ କରାଯାଉଛି । ଏହା ଫଳରେ ଭୂପୃଷ୍ଠସ୍ଥ ଜଳଉତ୍ସ ଗୁଡିକର ସଂଖ୍ୟା କମିବା ସହ ଭୂଗର୍ଭସ୍ଥ ଜଳ ଦୂଷିତ ହେବାରେ ଲାଗିଛି । ଏଣେ ସୀମିତ ସଂଖ୍ୟକ ପୋଖରୀ ଗଡିଆରେ ହଜାର ହଜାର ଲୋକଙ୍କ ଡଙ୍ଗାଭସା ପରିସ୍ଥିତିକୁ ଜଟିଳ କରିପକାଉଛି । ଧର୍ମ ନାମରେ କିମ୍ବା ପୂଣ୍ୟ କର୍ମ ନାମରେ ପ୍ରକୃତି ଉପରେ ଅତ୍ୟାଚାର କରିଲେ ତାହା ଆମ ନିଜ ପ୍ରତି ବିପଜ୍ଜନକ ସାବ୍ୟସ୍ତ ହେବ । ତେଣୁ ପରିବେଶକୁ ସୁରକ୍ଷା କରିବା ଯେଭଳି ଆମର ଦାୟିତ୍ୱ ସେହିଭଳି ପାରମ୍ପରିକ ଜଳଉତ୍ସ ଗୁଡିକର ସୁରକ୍ଷା ମଧ୍ୟ ଆମର ଦାୟିତ୍ୱ । ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଦଶହରା ପରେ ମୂର୍ତ୍ତି ଭସାଣି ପାଇଁ ଯେଭଳି ସ୍ୱତନ୍ତ୍ର ଗଡିଆ ଖୋଳି ବିସର୍ଜନ ବ୍ୟବସ୍ଥା କରାଯାଉଛି ଏବେ ସେହିଭଳି ଡଙ୍ଗା ଭସାଣି ପାଇଁ ସ୍ୱତନ୍ତ୍ର ଭାବେ ଜଳାଶୟ ତିଆରି କରାଯିବା ଉଚିତ୍ । ସିଧାସଳଖ କୌଣସି ନଦୀ ପୋଖରୀରେ ଡଙ୍ଗା ନ ଭସାଇ ବରଂ ନିଜ ଘରେ ପାଣି କୁଣ୍ଡରେ ଭସାଇ ପରମ୍ପରା ରକ୍ଷା କରାଯାଇପାରିବ । ଏହା ଏକ ସାମାଜିକ ସଚେତନତାର ବିଷୟ ହୋଇଥିବାରୁ କୌଣସି ଆଇନଗତ ନିର୍ଦ୍ଦେଶକୁ ଅପେକ୍ଷା ନକରି ଆସନ୍ତୁ କାର୍ତ୍ତିକ ପୂର୍ଣ୍ଣମା ଦିନକୁ ଜଳଉତ୍ସ ସୁରକ୍ଷା ଦିବସ ଭାବେ ପାଳନ କରିବା । କାର୍ତ୍ତିକ ପୂର୍ଣ୍ଣମୀ ଦିନ ଯେ କୌଣସି ଜଳାଶୟ ହେଉ ପଛେ ଭସାଯାଇଥିବା ଡଙ୍ଗାଗୁଡିକୁ ବାହାର କରି ଜଳଉତ୍ସକୁ ପରିଷ୍କାର କରିବା ।

**–ସୁଧାଂଶୁ ଶେଖର ଧଡା,** ମୋ-୯୯୩୭୪୨୬୪୦୩

# ସରକାରୀ ଆବାସଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ସଚେତନତା

ହାଟଡ଼ିହି (ପିଏନ୍)–କେନ୍ଦୁଝର ଜିଲା ହାଟଡିହି ବ୍ଲକ ଢେଙ୍କା ପଂଚାୟତ ର ୧୦ଟି ଗ୍ରାମ ଅଧିନରେ ୧୯ଟି ୱାର୍ଡ ରହିଛି । ଚଳିତ ୨୦୧୯-୨୦୨୦ରେ ପଂଚାୟତ କୁ ୫୧୯ଟି ପ୍ରଧାନମନ୍ତ୍ରୀ ସରକାରୀ ଆବାସଗୃହ ପଂଚାୟତ କୁ ମିଳିଥିଲା । ଆବାସଗୃହ କାର୍ଯ୍ୟାଦେଶ ପର୍ଯ୍ୟାୟ କ୍ରମେ ନଭେମ୍ବର ମାସରୁ ଅଦ୍ୟାବଧି ପ୍ରାୟ ୫୦୦ ହିତାଧିକାରୀଙ୍କୁ ପ୍ରଦାନ କରାଯାଇ ପ୍ରଥମ କିସ୍ତି ବାବଦରେ ୨୦ ହଜାର ଟଙ୍କା ଅନୁଦାନ ପ୍ରଦାନ ସରିଛି । ସେମାନଙ୍କ ମଧ୍ୟରୁ ୧୭ ଜଣ ନିର୍ମାଣ କାର୍ଯ୍ୟ ଶେଷ କରିଥିବା ବେଳେ ପ୍ରାୟ ୩୦୦ ଜଣ ୨ୟ ଓ ୩ୟ କିସ୍ତି ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି । ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ଲାଗି ପଂଚାୟତ ତରଫରୁ ସଚେତନ କରାଯାଉଥିବାବେଳେ ହିତାଧିକାରୀଙ୍କୁ ବିଭିନ୍ନ ବିଷୟରେ ବୁଝାଯାଉଛି । ୬ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କଲେ ୧୦ ହଜାର ଓ ୪ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କଲେ ୨୦ ହଜାର ଟଙ୍କା ବୋନସ ମିଳିବ ବୋଲି ହିତାଧିକାରୀଙ୍କୁ ଜଣାଯାଇଛି । ଯନ୍ତ୍ରୀ ଜ୍ୟୋତିରଂଜନ ସାମନ୍ତରାୟ,ପିଇଓ ନରହରି ନାୟକ,ଜିଆରଏସ ପ୍ରଫୁଲ କୁମାର ମାଝୀ ପ୍ରମୁଖ ପଂଚାୟତ ଅଧିନ ବିଭିନ୍ନ ଗ୍ରାମ ବୁଲି ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ହିତଧିକାରୀଙ୍କୁ କହିଛନ୍ତି । ଏଥିସହ ଏଷ୍ଟିମେଟ ଅନୁସାରେ କାର୍ଯ୍ୟ ହୋଇଛି କି ନାହିଁ ଏବଂ ଘରର ଆକାର ଓ ଆୟତନକୁ ପରଖିଛନ୍ତି । ସେହିପରି ହିତାଧିକାରୀଙ୍କ ସରକାରୀ ବାସଗୃହ ଓ ପାଇଖାନା ଗୃହର ସ୍ଥିତି ବିଷୟରେ ଅନୁଧ୍ୟାନ କରିଛନ୍ତି । ଅସମ୍ପୂର୍ଣ୍ଣ ଥିବା ପାଇଖାନା ଓ ବାସଗୃହକୁ ତୁରନ୍ତ ସଂପୂର୍ଣ୍ଣ କରିବା ପାଇଁ ହିତାଧିକାରୀ ମାନଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି । ହିତାଧିକରୀଙ୍କୁ ନେଇ ବୈଠକ କରାଯାଇ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ବୈଠକରେ ସୂଚନା ଦିଆଯାଇଛି । ଏଥିସହ ହିତାଧିକାରୀଙ୍କ ପାସବହିକୁ ଜବକାର୍ଡ ଅନୁଦାନ ପ୍ରଦାନ କରାଯାଉଥିବା ପଂଚାୟତ ତରଫରୁ କୁହାଯାଇଛି । ଅପରପକ୍ଷେ କେତେକ ସ୍ଥାନରେ ବାରମ୍ବାର ତାଗିଦ ସତ୍ୱେ ହିତାଧିକାରୀମାନେ ଗୃହ କାର୍ଯ୍ୟ ଅଗ୍ରଗତି କରୁନଥିବା ଚିନ୍ତାର କାରଣ ସାଜିଛି । ଏହାପୂର୍ବରୁ ଖଣି କ୍ଷତିଗ୍ରସ୍ତ ପଂଚାୟତ ଭାବେ ପ୍ରାୟ ୭୦୦ଟି ଘର ମିଳିଥିଲା । ଯାହାର ନିର୍ମାଣ କାର୍ଯ୍ୟ କଂପାନୀ ଅଧୀନରେ ରହିଛି ।

# ପଂଚାୟତ ଅଫିସ ପରିସରରେ ପଡିରହିଛି ମୃତ ଷଣ୍ଢ, ସୁରକ୍ଷା ନେଇ ପ୍ରଶ୍ନବାଚୀ



ହାଟଡିହି (ପିଏନ୍)–କେନ୍ଦୁଝର ଜିଲା ହାଟଡିହି ବ୍ଲକ ମରୈଗାଁ ପଂଚାୟତ ଅଫିସ ପରିସରରେ ଏକ ଷଣ୍ଢର ମୃତଦେହ ପଡିରହିଛି । ଶବ ସତ୍କାର କରା ନ ଯିବାରୁ ଅଫିସ ପରିସର ଦୁର୍ଗନ୍ଧମୟ ହୋଇପଡୁଛି । ଏପରିକି ଲୋକମାନେ ମୁହଁରେ କପଡା ବାନ୍ଧି ପଂଚାୟତକୁ ଯିବା ଆସିବା କରୁଛନ୍ତି । ଷଣ୍ଢର ମୃତଦେହ ଧୀରେ ଧୀରେ ପଚି ଅଧିକ ଦୁର୍ଗନ୍ଧମୟ ହେଉଛି । ତେବେ ଷଣ୍ଢ କିପରି ଏଠାରେ ମୃତ୍ୟୁବରଣ କଲା ତାକୁ ନେଇ ପ୍ରଶ୍ନ ଉଠିଛି । ଜିଆରଏସ ରଂଜନ ସେଠୀ କହିଛନ୍ତି ଷଣ୍ଢର ଦେହ ଅସୁସ୍ଥ ଥିଲା । ଚିକିତ୍ସା ହୋଇ ନ ପାରି ମୃତ୍ୟୁବରଣ କରିଛି । ହାଟଡିହୀ ଅଂଚଳରେ ଶତାଧିକ ଷଣ୍ଢ ଥିବା ବେଳେ ଏମାନଙ୍କ ଲାଗି ପ୍ରଶାସନ ତରଫରୁ କୌଣସି ବ୍ୟବସ୍ଥା କରାଯାଇନି କି ଆଶ୍ରୟସ୍ଥଳୀ ନାହିଁ । ଅଧିକାଂଶ ସମୟରେ ବହୁ ଷଣ୍ଢ ଗାଡି ଦୁର୍ଘଟଣାରେ ଓ ଅସୁସ୍ଥତା ଯୋଗୁ ମୃତ୍ୟୁବରଣ କରୁଛନ୍ତି । ଷଣ୍ଢଙ୍କ ସୁରକ୍ଷା ଲଗି ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଅବୈଧ ଗର୍ଭପାତ : ଉଦ୍‌ବେଗଜନକ ମାତୃ ମୃତ୍ୟୁହାର



ସମଗ୍ର ଭାରତବର୍ଷର ମାତୃମୃତ୍ୟୁ ହାରକୁ ଅନୁଧ୍ୟାନ କଲେ ୮ପ୍ରତିଶତ କେବଳ ଗର୍ଭପାତ ଜନିତ କାରଣରୁ ହେଉଛି । ମାତୃ ମୃତ୍ୟୁହାରରେ ସମଗ୍ର ଭାରତ ବର୍ଷ ତୁଳନାରେ ଓଡ଼ିଶାର ସ୍ଥାନ ଚତୁର୍ଥ । ସୁରକ୍ଷିତ ଗର୍ଭପାତ ପ୍ରତ୍ୟେକ ମହିଳାଙ୍କର ଏକ ମାନବିକ ଅଧିକାର ହେଲେ ଅନେକ କ୍ଷେତ୍ରରେ ଲୋକଲଜ୍ଜ୍ୟା ଭୟ ଓ ଡାକ୍ତରଖାନା ସୁବିଧାର ସଚେତନତାର ଅଭାବରୁ କେତେକ ମହିଳା ଗର୍ଭପାତ ପାଇଁ ଡାକ୍ତରଙ୍କ ବିନା ପରାମର୍ଶରେ ମେଡ଼ିସିନ ଖାଉଥିବାରୁ ଓ କ୍ୱାକ୍ ମାନଙ୍କ ଦ୍ୱାରା ଗର୍ଭପାତ କରାଉଥିବାରୁ ମହିଳାମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗର୍ଭପାତ ପାଇଁ ନିର୍ଦ୍ଧାରିତ ଆଇନ କାର୍ଯ୍ୟକାରୀ କରାଯାଉନଥିବାରୁ ଅଧିକାଂଶ ମହିଳା ଅସୁରକ୍ଷିତ ଗର୍ଭପାତର ଶିକାର ହେଉଛନ୍ତି । ଭାରତରେ ଗର୍ଭପାତକୁ ଆଇନ ସମ୍ମତ କରିବା ପାଇଁ ୧୯୭୧ ମସିହାରେ ଡାକ୍ତରୀ ପଦ୍ଧତି ଦ୍ୱାରା ଗର୍ଭପାତ ଅଧିନିୟମ ଗୃହୀତ ହୋଇଥିଲା ଯଦିଓ ଏହି ଆଇନ ଗର୍ଭପାତକୁ ସମ୍ପୂର୍ଣ୍ଣ ମୁକ୍ତ କରିନାହିଁ ତଥାପି ଯେକୌଣସି ମହିଳା ନିଜ ଇଚ୍ଛାରେ ୨୦ସପ୍ତାହ ମଧ୍ୟରେ ଗର୍ଭପାତ ପଞ୍ଜୀକୃତ ସ୍ୱାସ୍ଥ୍ୟସେବା ସଂସ୍ଥାରେ କରାଇପାରିବେ । ଏଥିପାଇଁ ୧୯୭୧ ନିୟମାବଳୀର ନିୟମ-୫ରେ ଡାକ୍ତରୀ ପଦ୍ଧତି ଦ୍ୱାରା ଗର୍ଭପାତ ନିୟମ, ୧୯୭୧ ସ୍ୱାସ୍ଥ୍ୟସେବା ସଂସ୍ଥା ମାନଙ୍କୁ ପଞ୍ଜୀକୃତ କରିବା ପାଇଁ ବ୍ୟବସ୍ଥା ରହିଛି । ଗର୍ଭପାତ ଆଇନକୁ ଅଧିକ କୋହଳ କରି ୨୦ସପ୍ତାହ ମଧ୍ୟରେ ଗର୍ଭପାତ କରିବା ପାଇଁ ବ୍ୟବସ୍ଥାକୁ ୨୪ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଏକ ବିଲ ରାଜ୍ୟସଭାରେ ସ୍ଥଗିତ ହୋଇ ରହିଛି । ବର୍ତ୍ତମାନ ପରିସ୍ଥିତିରେ ମହିଳାମାନେ ୨୦ସପ୍ତାହ ପରେ ଜଟିଳ ଗର୍ଭପାତ କରିବାକୁ ହେଲେ ଅଦାଲତର ଅନୁମତି ନେବାକୁ ପଡୁଅଛି । ଅନେକ ସମୟରେ ବିଳମ୍ବିତ ଓ ଜଟିଳ ନ୍ୟାୟ ପ୍ରକ୍ରିୟାରେ ତୁରନ୍ତ ଅଦାଲତରୁ ଅନୁମତି ପାଇବା କଷ୍ଟଦାୟକ ହୋଇଥାଏ । ସେହିପରି ଗର୍ଭନିରୋଧକ ପଦ୍ଧତି ବ୍ୟାପକ ଭାବେ ଉପଲବ୍ଧ କରାଯାଇ ଅନିଚ୍ଛାକୃତ ଗର୍ଭଧାରଣ ରୋକାଯାଇପାରିବ । ୧୯୭୧ ମସିହାରେ ସରକାରୀସ୍ତରରେ ପ୍ରଥମ କରି ଟର୍ମିନେସନ୍ ଅଫ୍ ପ୍ରେଗନାନ୍‌ସି ଆକ୍ଟ ବଳରେ ଗର୍ଭପାତକୁ ବୈଧ କରାଗଲା । ଯାହାର ମୂଳଲକ୍ଷ୍ୟ ଥିଲା ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା । ସେହିପରି ସ୍ୱାସ୍ଥ୍ୟଗତ ଦିଗକୁ ଲକ୍ଷ୍ୟ କରି ସନ୍ତାନ ଜନ୍ମ ମାଆର ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲେ ଏହି ଏମ୍‌ଟିପି ନିୟମ ସହାୟତାରେ ମଧ୍ୟ ଗର୍ଭପାତ କରାଯାଉଥିଲା । ଯାହାଦ୍ୱାରା ଅସୁରକ୍ଷିତ ଗର୍ଭପାତ ଜନିତ ମାତୃମୃତ୍ୟୁହାରକୁ ହ୍ରାସ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାସ୍ଥ୍ୟଗତ ଦିଗକୁ ଗୁରୁତ୍ୱ ଦିଆଯାଉଥିଲା । ଏହା ବ୍ୟତୀତ କେତେକ ଦୁଃସ୍ଥିତିର ଶିକାର ହୋଇ ଧର୍ଷଣର ଭୟାବହତାକୁ ସାମ୍ନା କରିଥିବା ମହିଳାମାନେ ଅବାଞ୍ଛିତ ଗର୍ଭଧାରଣ କରିଥିବାରୁ ଆଇନ ବଳରେ ଗର୍ଭପାତ କରାଯାଇ ପାରୁଥିଲା । ତେବେ ପରବର୍ତ୍ତୀ ସମୟରେ ଏହି ଗର୍ଭପାତ ବ୍ୟାପକ ଭାବରେ ବଢ଼ି ଚାଲିବାରୁ କେବଳ ଚିକିତ୍ସା ମହଲ ନୁହେଁ ସରକାରୀ ଓ ବେସରକାରୀ ମହଲରୁ ଉଦ୍‌ବେଗ ପ୍ରକାଶ ପାଇଲା । ତେବେ ପ୍ରଥମ କଥା ହେଉଛି ଅବୈଧ ଗର୍ଭପାତ କ'ଣ ପାଇଁ ଘଟିଥାଏ ? କୁମାରୀ ମାତୃତ୍ୱ ହେଉ ବା ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ହତ୍ୟା । ଏହି ଦୁଇଟି ପ୍ରସଙ୍ଗ ଆମର ଆଜିର ସମାଜ ପାଇଁ ଏକ ଚିନ୍ତାଜନକ ଓ ଉଦ୍‌ବେଗଜନକ ପ୍ରସଙ୍ଗ । ବର୍ତ୍ତମାନ ସୂଚନା ପ୍ରଯୁକ୍ତିର ଯୁଗରେ ମହିଳାମାନେ ପୁରୁଷଙ୍କ ସହ ସମକକ୍ଷ ହୋଇ ସବୁ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରୁଛନ୍ତି । ତେବେ ଏହି ସୂଚନା ପ୍ରଯୁକ୍ତିର ବାହାନା ଭିତରେ କେତେକ ଯୁବକଯୁବତୀ ସଠିକ୍ ଦିଗ୍‌ଦର୍ଶନ ନପାଇ ଲୁଚାଚୋରା ଭାବେ ଯେଉଁ ଅମଡ଼ା ବାଟରେ ଚାଲିଥାନ୍ତି ତାହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ଦୁଃଖଦ ଘଟଣା ରଖିଥାଏ । ଏପରିକି ଖୁବ୍ କମ୍ ବୟସରେ ଗର୍ଭବତୀ ହୋଇଥିବାରୁ କୁମାରୀ ମାତୃତ୍ୱ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ତେବେ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟଗତ କ୍ଷେତ୍ରର ଏହା ପ୍ରଭାବ ପକାଉଥିବାରୁ ପରବର୍ତ୍ତୀ ସମୟରେ ଏହି କୁମାରୀ ମାତୃତ୍ୱମାନେ ଚିର ଦିନ ପାଇଁ ମାଆ ହେବାର ସୌଭାଗ୍ୟ ହରାଇଥାନ୍ତି । ବିଶେଷକରି ଗ୍ରାମାଞ୍ଚଳରେ ସ୍ତ୍ରୀ ଓ ପ୍ରସୂତୀ ଚିକିତ୍ସକଙ୍କ ସଂଖ୍ୟା କମ୍ ରହୁଥିବାରୁ ସେଠାରେ ସେମାନେ ଚିକିତ୍ସା ସୁଯୋଗ ନପାଇ ଅନେକ ଯନ୍ତ୍ରଣାର ଶିକାର ହୋଇଥାନ୍ତି । କେବଳ ଗ୍ରାମାଞ୍ଚଳ ନୁହେଁ ଆଜି ବି ଅନେକ ଆଦିବାସୀ ମୂଳକରେ ଗୁଣୀଗୁଣି ଓ ଜଡ଼ିବୁଟିର ସହଯୋଗ ନିଆଯାଉଥିବାରୁ କୁମାରୀ ମାଆଟିର ସ୍ୱାସ୍ଥ୍ୟଅବସ୍ଥା ସଙ୍କଟାପନ୍ନ ହୋଇ ଗୁରୁତର ଭାବରେ ବହୁ ବିଳମ୍ବରେ ସରକାରୀ ଡାକ୍ତରଖାନାକୁ ଆସିଥିବା ସମୟକୁ ନେଡି ଗୁଡ଼ କହୁଣୀକୁ ବୋହିଗଲାପରି ସେମାନଙ୍କ ଜୀବନ ରକ୍ଷା କରିବା କାଠିକର ପାଠ ହୋଇଥାଏ । ଏହି କୁମାରୀ ମାତୃତ୍ୱ ପାଇଁ ମୂଲ୍ୟବୋଧର ଅବକ୍ଷୟ ହେଉ ବା ବିଶୃଙ୍ଖଳା, ଭ୍ରଷ୍ଟାଚାର ହେଉ ବା ନୈତିକତାର ଅଧଃପତନ ପରି କାରଣ ସବୁ ଦାୟୀ । ସମାଜରେ ଲିଙ୍ଗ ଅନୁପାତର ଅସମାନତା ପାଇଁ ଅବୈଧ ଗର୍ଭପାତ ଦାୟୀ । ଗର୍ଭରେ ଥିବା ପିଲାଟିର ଲିଙ୍ଗ ଜାଣିବା ପାଇଁ ଆଜିକା ସମୟରେ ଅନେକ ସଚେତନତା ହୋଇଥିଲେ ବି ତଥାପି ଅନେକ ମାନଙ୍କ କ୍ଷେତ୍ରରେ ଯେଉଁ ଉତ୍ସୁକତା ରହିଥାଏ ତାହା ଏକ ଦୁଃଖଦ ପ୍ରସଙ୍ଗ । ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ୟୁରୋପରେ କନ୍ୟାଭ୍ରୁଣ ହତ୍ୟା କରୁଥିବା ଦମ୍ପତିଙ୍କ ସଂଖ୍ୟା ପ୍ରତି ହଜାରେ ନବେ ଥିଲାବେଳେ ଋଷରେ ୬୮ ଓ ଅଷ୍ଟ୍ରେଲିଆରେ ୨୨ କିନ୍ତୁ ଭାରତରେ ଏ ସଂଖ୍ୟା ଯଥେଷ୍ଟ ଅଧିକ । ପ୍ରତିବର୍ଷ ଆମ ଭାରତରେ ୫୦ଲକ୍ଷରୁ ଉର୍ଦ୍ଧ୍ୱ କନ୍ୟାଭ୍ରୁଣ ହତ୍ୟା ଜଣାନ୍ତରେ ହେଉ ବା ଲୁଚାଛପାରେ ହେଉଛି । କେବଳ ଗ୍ରାମାଞ୍ଚଳ ନୁହେଁ ଅଧିକ ପାଠୁଆ ଓ ବଡ଼ ପରିବାର କୁହାଯାଉଥିବା ସହରାଞ୍ଚଳରେ ଏ ସଂଖ୍ୟା ବେଶୀ । ୨୦୦୩ ମସିହାରୁ ଭାରତରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ ତତ୍‌ଜନିତ ବିଜ୍ଞାପନକୁ ବେଆଇନ ଘୋଷଣା କରିବା ସହ ଦଣ୍ଡବିଧାନ ବ୍ୟବସ୍ଥା ରହିଛି । ଯେଉଁ ବିଶେଷଜ୍ଞ ଚିକିତ୍ସକମାନେ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ନଷ୍ଟରେ ସାହାଯ୍ୟ କରିଥାନ୍ତି ସେମାନଙ୍କୁ ଭାରତୀୟ ପିଙ୍ଗଳ କୋଡ଼ର ୩୧୨, ୩୧୩, ୩୧୬ ଓ ୩୧୮ ଧାରା ଅନୁଯାୟୀ ଦଣ୍ଡ ପ୍ରଦାନ କରାଯାଇଥାଏ । ଭ୍ରୁଣର ଲିଙ୍ଗ ନିରୂପଣ ପରୀକ୍ଷାକୁ ବନ୍ଦ କରିବା ପାଇଁ ସରକାରୀ ସ୍ତରରେ ରହିଥିବା ପ୍ରି-ନାଟାଲ ଡାୟଗ୍ନୋଷ୍ଟିକ ଟେକନିକ୍ ଆଇନ ଆଜି ପର୍ଯ୍ୟନ୍ତ ସଠିକ୍ ଭାବେ କାର୍ଯ୍ୟ କରିପାରୁନାହିଁ । ଏ କ୍ଷେତ୍ରରେ ଜନ ଅସଚେତନତା ଦାୟୀ । ଭାରତ ପରି ବିଶ୍ୱର ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଓ ବିକାଶଶୀଳ ପ୍ରମୁଖ ରାଷ୍ଟ୍ର ମାନ୍ୟତା ପାଇଥିବା ଏହି ସର୍ବବୃହତ୍ତ ରାଷ୍ଟ୍ରରେ ବିଭିନ୍ନ ସମୟରେ ପରମ୍ପରା ଜନିତ ଅନ୍ଧବିଶ୍ୱାସ, ଆର୍ଥିକ ଦୁଃସ୍ଥିତି, କେତେକ ସାମାଜିକ ବିଡ଼ମ୍ବିତ ବିଧି ବ୍ୟବସ୍ଥା, ମହିଳାମାନଙ୍କ ପ୍ରତି ପ୍ରତିକୂଳ ଚିନ୍ତନ ପରି କାରଣ କନ୍ୟାଭ୍ରୂଣ ହତ୍ୟାକୁ ପ୍ରୋତ୍ସାହିତ କରୁଛି । ଆଜି କୌଣସି କ୍ଷେତ୍ରରେ ଝିଅଟି ପୁଅ ଠାରୁ ବି କମ୍ ନୁହେଁ । କେତେକ କ୍ଷେତ୍ରରେ ଝିଅମାନେ ଘର ସଂସାର ନ କରି ନିଜର ବାପା ମାଆଙ୍କ ସେବା ପାଇଁ ନିଜର ସଂସାର କରୁନାହାଁନ୍ତି । କେତେକ କ୍ଷେତ୍ରରେ ଝିଅମାନେ ପରଲୋକଗତ ବାପମାଆଙ୍କୁ ମୁଖାଗ୍ନି ଦେଉଛନ୍ତି । ତେଣୁ ଏ କ୍ଷେତ୍ରରେ ସଚେତନତା ସବୁଠାରୁ ବଡ଼ କଥା । ସରକାରୀ ସ୍ତରରେ ସ୍ତ୍ରୀ ଓ ପ୍ରସୂତୀ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଅଗମ୍ୟ ଆଦିବାସୀ ଅଞ୍ଚଳ ହେଉ ବା ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ତେବେ ମହିଳାମାନଙ୍କ ସ୍ୱାଧିକାର ହେଉ ବା ପ୍ରଗତି ବା ସୁରକ୍ଷା ସରକାରୀ ଯୋଜନାକୁ ସେମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଆହୁରି ସଂଗ୍ରାମ ଲୋଡ଼ା । ଏ କ୍ଷେତ୍ରରେ ଦାୟିତ୍ୱ ସମସ୍ତଙ୍କର ।

**ଡାକ୍ତର ଶୁଭଶ୍ରୀ ମିଶ୍ର,** ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୮୬୧୪୬୩୪୦୬

# ବି.ଏଡ଼୍. କଲେଜ ବନ୍ଦ ଓ ବ୍ଲକଗ୍ରାଣ୍ଟ ସ୍କୁଲ୍ ମିଶ୍ରଣ ବିରୋଧରେ ଶିକ୍ଷାମନ୍ତ୍ରୀଙ୍କୁ ଏଆଇଡ଼ିଏସ୍‌ଓର ଦାବୀପତ୍ର

ଭୁବନେଶ୍ୱର (ପିଏନ୍): ରାଜ୍ୟର ପ୍ରାୟ ସମସ୍ତ ବି.ଏଡ୍. ଓ ଏମ୍.ଏଡ୍ ଶିକ୍ଷାନୁଷ୍ଠାନଗୁଡ଼ିକ ଶିକ୍ଷକ ଓ ଭିତ୍ତିଭୂମି ଅଭାବରୁ ବନ୍ଦ ହେବା, ବ୍ଲକଗ୍ରାଣ୍ଟ ବିଦ୍ୟାଳୟଗୁଡ଼ିକୁ ନିକଟସ୍ଥ ସରକାରୀ ବିଦ୍ୟାଳୟରେ ମିଶ୍ରଣ କରିବା, ଶିକ୍ଷକ ଏବଂ ଅଧ୍ୟାପକମାନଙ୍କୁ ସେମାନଙ୍କ ନ୍ୟାର୍ଯ୍ୟଦାବୀ ସମ୍ବଳିତ ଗଣତାନ୍ତ୍ରିକ ଆନ୍ଦୋଳନରେ ଯୋଗଦାନ ଉପରେ ସରକାର କଟକଣା ଲଗାଇବା ବିରୁଦ୍ଧରେ ଏଆଇଡ଼ିଏସ୍‌ଓ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି । ସଂଗଠନର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀଙ୍କ ନେତୃତ୍ୱରେ ଭୁବନେଶ୍ୱର ସଭାପତି ନସିମ ସରକାର, ସମ୍ପାଦିକା ସ୍ୱସ୍ତି ସଙ୍ଗୀତା ଦଳାଇ, ଉପସଭାନେତ୍ରୀ ସପ୍ତର୍ସିନୀ ରାଉଳ ପ୍ରମୁଖ ଶିକ୍ଷାମନ୍ତ୍ରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଏଠାରେ ସୂଚାନଯୋଗ୍ୟ ଏନ୍‌ସିଟିଇ (ନ୍ୟାସନାଲ କାଉନ୍‌ସିଲ୍ ଫର୍ ଟିଚର ଏଜୁକେଶନ) ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ଦର୍ଶାଇ ଆସନ୍ତା ୨୦୨୦-୨୧ ଶିକ୍ଷାବର୍ଷରୁ ରାଜ୍ୟର ପ୍ରାୟ ସମସ୍ତ ବି.ଏଡ୍. ଓ ଏମ୍. ଏଡ୍ କୋର୍ସକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛି । ଫଳରେ ସରକାରଙ୍କ ଚରମ ଅବହେଳା ଯୋଗୁ ରାଜ୍ୟର ପ୍ରାୟ ସମସ୍ତ ଶିକ୍ଷକ ତାଲିମ ଅନୁଷ୍ଠାନଗୁଡ଼ିକ ବନ୍ଦ ହେବାକୁ ଯାଉଛି ଏବଂ ରାଜ୍ୟର ହଜାର ହଜାର ବି.ଏଡ୍ ଓ ଏମ୍.ଏଡ୍ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି । ସେହିପରି ସରକାର ଚଳିତ ବର୍ଷଠାରୁ ବ୍ଲକଗ୍ରା ସ୍କୁଲ୍‌ଗୁଡ଼ିକ ପାଖ ସରକାରୀ ସ୍କୁଲ୍‌ରେ ମିଶ୍ରଣ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଫଳରେ ଶିକ୍ଷାର ବିକାଶ ପାଇଁ ଜନସାଧାରଣଙ୍କ ସାହାଯ୍ୟ ସହଯୋଗରେ ଗଢି ଉଠିଥିବା ବହୁ ସ୍କୁଲ୍ ବନ୍ଦ ହୋଇଯିବ ଏବଂ ଛାତ୍ରଛାତ୍ରୀମାନେ ନିକଟରେ ଥିବା ସ୍କୁଲ୍‌ରେ ପଢିବାର ଯେଉଁ ସୁଯୋଗ ପାଉଥିଲେ, ସେଥିରୁ ବଞ୍ଚିତ ହେବେ । ବହୁ ଛାତ୍ରଛାତ୍ରୀଙ୍କର ପାଠପଢାରେ ଡ଼ୋରୀ ବନ୍ଧା ହେବ ଏବଂ ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣର ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ । ଏହାଛଡ଼ା ଶିକ୍ଷକ, ଅଧ୍ୟାପକମାନଙ୍କୁ ଆନ୍ଦୋଳନରୁ ବାରଣ କରିବା ପାଇଁ ଯେଉଁ ନିର୍ଦ୍ଦେଶନାମା ଦିଆଯାଇଛି ତାହା ଅତ୍ୟନ୍ତ ଅଗଣତାନ୍ତ୍ରିକ ଏବଂ ସେମାନଙ୍କର ମୌଳିକ ଅଧିକାରକୁ ହରଣ କରୁଛି ବୋଲି ସଂଗଠନ ପକ୍ଷରୁ ଦର୍ଶାଯାଇଛି । ସରକାର ଅବିଳମ୍ବେ ଏହି ସମସ୍ତ ଅତ୍ୟନ୍ତ ଅଗଣତାନ୍ତ୍ରିକ ଏବଂ ଶିକ୍ଷା ସ୍ୱାର୍ଥବିରୋଧୀ ନିଷ୍ପତ୍ତିଗୁଡ଼ିକୁ ପ୍ରତ୍ୟାହାର ନକଲେ ଆଗାମୀ ଦିନରେ ଦୁର୍ବାର ଛାତ୍ର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଏଆଇଡ଼ିଏସ୍‌ଓ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି ।

# ପ୍ରଗତି ପଥରେ ଛତିଶଗଡ଼ ନା ଓଡ଼ିଶା ?



ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ମଧ୍ୟରେ ଯେଉଁ ବିବାଦ ଲାଗି ରହିଛି ଓ ବାରମ୍ବାର ଏହି ସମ୍ବାଦ ଗଣମାଧ୍ୟମରେ ପ୍ରଚାର ହେଉଛି, ତାହାର ଗୋଟିଏ ସୁଫଳ ହେଉଛି, ପ୍ରଗତିର ସଂଜ୍ଞା କ'ଣ (?), ତାହା ଏହି ଅଳସୁଆ ଜାତି ଧୀରେଧୀରେ ବୁଝିବାକୁ ଲାଗିଛି । ଦୀର୍ଘବର୍ଷ ହେଲା ଏହି କୋଢିଆ ଜାତିକୁ ବିକାଶ କହିଲେ ଯେ, ମାଗଣା ଆହାର, ମାଗଣା ବିହାର (ତୀର୍ଥ ଯାତ୍ରା) ଓ ମାଗଣା ମରଣ (ହରିଶ୍ଚନ୍ଦ୍ର ଯୋଜନା), ମାଗଣା କମ୍ବଳ, ସାଇକେଲ, ଯୋତା ଓ ଲ୍ୟାପଟପ୍ ଆଦି ନୁହେଁ, ତାହା ଧୀରେ ଧୀରେ ଏ ଜାତି ବୁଝିବାକୁ ଲାଗିଛି । ମାଗଣା ଘର ଦେବା ଅପେକ୍ଷା ଯେ ଘର ତିଆରି କରିବାର କ୍ଷମତା ହାସଲ୍ କରିବା ନିହାତି ଜରୁରୀ, ତାହା ଏପର୍ଯ୍ୟନ୍ତ ଆମ ଲୋକେ ବୁଝିପାରୁନାହାନ୍ତି । ମାଗଣାରେ ସବୁ ପାଇ କାମ ନକରି ନୋଟ୍ ନେଇ ଭୋଟ୍ ଦେବା, ଗୋରୁ ମେଣ୍ଢା ଭଳି ନେତାମାନଙ୍କ ଡାକରାରେ ଟଙ୍କା ଶହେଟା ଓ ଭାତ-ଡ଼ାଲମା ଖାଇ ଟ୍ରକ୍‌ରେ ବୁହା ହୋଇ ସମାବେଶକୁ ଯିବା ଆମ ଜାତୀୟ ଚରିତ୍ରରେ ପରିଣତ ହୋଇଗଲାଣି । ସ୍ୱାଧୀନତା ବେଳକୁ ମଧ୍ୟ ପ୍ରଦେଶ ରାଜ୍ୟ ଆମ ଓଡ଼ିଶା ଠାରୁ ଆହୁରି ଅଧିକ ଅନୁନ୍ନତ ଥିଲା । ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶକୁ ନେଇ 'ବିଆଇଏମ୍‌ଏଆରଓ' (ବିମାରୁ) ଶବ୍ଦର ସୃଷ୍ଟି ହୋଇଥିଲା । ଏହି ରାଜ୍ୟଗୁଡ଼ିକ ଥିଲା ଅନଗ୍ରସରର ପ୍ରତୀକ । ୨୦୦୦ ମସିହାରେ ମଧ୍ୟପ୍ରଦେଶରୁ ଭାଗ ହୋଇ ଛତିଶଗଡ଼ ରାଜ୍ୟ ସୃଷ୍ଟି ହେଲା । ସେତେବେଳେ ଏହି ଲେଖକ ରାୟପୁରରେ ଥିଲାବେଳେ ଦେଖିଥିଲେ, ପୁଳେ ପୁରୁଣା ଆମ୍ବାସଡ଼ର ଗାଡ଼ିକୁ ଆଣି ସେଥିରେ ନାଲିବତୀ ଲଗାଇ ମନ୍ତ୍ରୀ ଓ ପଦସ୍ଥ ଅଧିକାରୀଙ୍କ ପାଇଁ ଯୋଗାଇବାର ବ୍ୟବସ୍ଥା କରା ଯାଇଥିଲା । ମନ୍ତ୍ରୀ ଓ ବିଧାୟକମାନେ ହୋଟେଲ୍‌ରେ ରହୁଥିଲେ । ଏହାମଧ୍ୟରେ ଛତିଶଗଡ଼ ଦ୍ରୁତଗତିରେ ଆଗେଇ ଚାଲିଛି । ଜଳସେଚନ ଓ ଜଳ ସଂରକ୍ଷଣ ପାଇଁ ସେମାନେ ମହାନଦୀରେ ଶତାଧିକ ବ୍ୟାରେଜ୍ ଓ ବନ୍ଧ ନିର୍ମାଣ କରିସାରିଲେଣି । ରାଜ୍ୟର ସମସ୍ତ ଜମି ଜଳସେଚିତ ହୋଇପାରିଛି । ଶହ ଶହ ଶିଳ୍ପସଂସ୍ଥାକୁ ପାଣି ଯୋଗାଇବାର ବ୍ୟବସ୍ଥା କରାଯାଉଛି । ଗତ ଉମରକୋଟ ଉପ-ନିର୍ବାଚନ ବେଳେ ପ୍ରଚାର ପାଇଁ ଆସିଥିବା ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂହ ଛାତିରେ ହାତ ବାଡ଼େଇ କହିଥିଲେ ଯେ, ମୋ' ରାଜ୍ୟରେ କୌଣସି ଜଳବିଦ୍ୟୁତ୍ ପ୍ରକଳ୍ପ ନାହିଁ, ତଥାପି ମୋ' ରାଜ୍ୟରେ ପାୱାର କଟ୍ ନାହିଁ । ଅଥଚ ଓଡ଼ିଶାରେ ୬୦ ଦଶକରେ ମହାନଦୀ ବକ୍ଷରେ ହୀରାକୁଦ ବନ୍ଧ ନିର୍ମାଣ ହେବା ପରେ ଆମେ ଦ୍ୱିତୀୟ ବନ୍ଧ ବା ବ୍ୟାରେଜ୍‌ଟିଏ ନିର୍ମାଣ କରିବାରେ ଅସମର୍ଥ ହୋଇଛୁ । ମହାନଦୀର ପାଣି ଆମରି ଆଗରେ ହୀରାକୁଦ ଡ୍ୟାମ୍‌ରୁ ବାହାରି ସମୁଦ୍ରକୁ ବହିଯାଉଛି । କୂଳରେ ଥିବା ଗାଁଗଣ୍ଡାକୁ ବୁଡ଼ାଇ ଦେଉଛି । ମହାନଦୀର ଅନ୍ୟ ବୃହତ୍ତ ଉପନଦୀ ତେଲ୍ ଓ ଇବ୍ ନଦୀରେ ମଧ୍ୟ କୌଣସି ଯୋଜନା ହୋଇପାରିନାହିଁ । ଦୀର୍ଘବର୍ଷର ସ୍ଥିର ଶାସନ ପରେ ମଧ୍ୟ ଗୋଟିଏ ଇଞ୍ଚ୍ ଜମି ଅଧିକ ଜଳସେଚିତ ହୋଇପାରିନାହିଁ । ଏହାହିଁ ହେଉଛି, ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ବିକାଶର ପ୍ରଭେଦ । ମାଇକ୍ ଆଗରେ ରାଜ୍ୟ ପାଇଁ ଶେଷ ରକ୍ତବିନ୍ଦୁ ଦେବେ ବୋଲି ନେତାମାନେ ଯେଉଁ ଚିତ୍କାର ଛାଡୁଛନ୍ତି, ତାହା ଅତ୍ୟନ୍ତ ହାସ୍ୟାସ୍ପଦ । ମନ୍ତ୍ରୀମାନେ ଦଳୀୟ କର୍ମୀ ସାଜିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନବାବୁ ଯେଭଳି ଖୁସି ହେବେ ସେଥିପାଇଁ ଏମାନେ ଦିନରାତି ଏକାକାର କରି ଦେଉଛନ୍ତି । ଶାସନ କଥା ବୁଝିବାକୁ କେହି ନାହିଁ । କ'ଣ ଗୋଟିଏ ଆଳ କରି ପଥପ୍ରାନ୍ତ ନାଟକ ଜାରି ରଖୁଛନ୍ତି । ଏଣେ ରାଜ୍ୟକୁ ଅପପୁଷ୍ଟି, ଡ଼େଙ୍ଗୁ, ମ୍ୟାଲେରିଆ ଓ ଆନ୍ଥ୍ରାକ୍ସ ଗ୍ରାସ କରିସାରିଲାଣି । ଏସବୁ କ'ଣ ବିକାଶର ସଂଜ୍ଞା ? ବାସ୍ତବତା ଦେଖାଗଲେ, ବିକାଶର ବହୁ ପଛରେ ରହି ଗଲାଣି ଓଡ଼ିଶା ।

**ଡାକ୍ତର ସୁରେନ୍ଦ୍ରନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍,ଉମରକୋଟ, ନବରଙ୍ଗପୁର, ମୋ-୯୪୩୭୨୩୫୩୮୬


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଗଞ୍ଜାମ ଜିଲ୍ଲା କିଷାନ କଂଗ୍ରେସର ଜିଲ୍ଲାସ୍ତରିୟ କୃଷକ ଅଧିକାର କର୍ମଶାଳା



ବ୍ରହ୍ମପୁର,(ପିଏନ)- ଆଜି ଗଞ୍ଜାମ ଜିଲ୍ଲା କିଷାନ କଂଗ୍ରେସର ଜିଲ୍ଲାସ୍ତରୀୟ କୃଷକ ଅଧିକାର କର୍ମଶାଳା ବ୍ରହ୍ମପୁରସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିଷରରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କର୍ମଶାଳାରେ ଅଖିଳ ଭାରତ କିଷାନ କଂଗ୍ରେସ ଉପାଧକ୍ଷ ଶ୍ରୀ ସୁରେନ୍ଦ୍ର ସୋଲାଙ୍କି ମୁଖ୍ୟ ଅତିଥି ରୂପେ ଯୋଗଦେଇ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାରର ତ୍ରୁଟିପୂର୍ଣ୍ଣ କୃଷିନୀତି ଓ ଚାଷୀମାରଣ ନୀତିର ଅବତାରଣା କରିଥିଲେ । ବର୍ତ୍ତମାନ ସମଗ୍ର ଦେଶରେ ଚାଷୀ ସବୁସ୍ତରରୁ ବଞ୍ଚିତ ଏବଂ ଚାଷ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ବିଗତ ୩ ବର୍ଷ ମଧ୍ୟରେ ନରେନ୍ଦ୍ର ମୋଦି ସରକାରରେ ଚାଷୀଙ୍କ ଠାରୁ କୃଷିବୀମା ବାବଦରେ ପ୍ରାୟ ୭୨ ହଜାର କୋଟି ଟଙ୍କା ପ୍ରିମିୟମ ଆଦାୟ କରାଯାଇଥିବା ବେଳେ ଚାଷୀଙ୍କୁ କ୍ଷତିପୂରଣ ବାବଦକୁ ମାତ୍ର ୫୨ ହଜାର କୋଟି ଟଙ୍କା ଦିଆଯାଇ ପ୍ରାୟ ୨୦ ହଜାର କୋଟି ଟଙ୍କା ଘରୋଇ ବୀମା କମ୍ପାନିମାନେ ଲାଭ କରିଛନ୍ତି । ସ୍ୱାମୀନାଥନ କମିଟିର ସୁପାରିଶକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଗଲା ନାହିଁ । ଚାଷୀଙ୍କୁ ସେମାନଙ୍କ ଉତ୍ପାଦିତ ଫସଲର ସଠିକ୍ ମୂଲ୍ୟ ପ୍ରଦାନ କରାଯାଉ ନାହିଁ । ଏହି ସରକାର ଠକ ଶିଳ୍ପପତିମାନଙ୍କୁ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ଛାଡ଼ କରୁଥିବା ବେଳେ ଋଣ ଭାରରେ ଥିବା ଚାଷୀଙ୍କଠାରୁ ପାହୁଲାଟିଏ କୃଷିଋଣ ଛାଡ଼ କରି ନାହାନ୍ତି । ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଛି । ଏହି ସରକାର ଚାଷୀଙ୍କୁ ବାରମ୍ବାର ପ୍ରତାରିତ କରୁଥିବା ବେଳେ ଚାଷୀ ଆନ୍ଦୋଳନ ଯୋରଦାର କରାଯିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଆଗାମୀ ଦିନରେ ପ୍ରତି ଗ୍ରାମସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ଓଡ଼ିଶାରେ ଅଧିକରୁ ଅଧିକ ସୁଦୃଢ଼ କରାଯିବା ବୋଲି ମଧ ସେ କହିଥିଲେ ।

ସମ୍ମାନୀତ ଅତିଥି ଭାବେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ ଗଞ୍ଜାମ ଜିଲ୍ଲାର ସର୍ବ ପୁରାତନ ଚିନିଶିଳ୍ପ କାରଖାନାଟି ସରକାରଙ୍କ ଅପାରଗତା ଯୋଗୁଁ ନିଲାମ ହେବାକୁ ବସିଲାଣି । ଜିଲ୍ଲାର ଏକମାତ୍ର କୃଷି ଭିତ୍ତିକ ସମବାୟ ଚିନିଶିଳ୍ପ କାରଖାନାଟିକୁ କେନ୍ଦ୍ର ସରକାର ତୁରନ୍ତ ୩୦ କୋଟି ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଲେ ୭ହଜାରରୁ ଅଧିକ ଚାଷୀ ଓ ୨୦ ହଜାରରୁ ଅଧିକ ଶ୍ରମିକ ଦୀର୍ଘସ୍ଥାୟୀ ଦାନା ପାଇବାର ସୁବିଧା ପାଇ ପାରିବେ । ଅପର ପକ୍ଷରେ ସରକାର ଧାନର ଅଭାବି ବିକ୍ରି ହେଉନାହିଁ ବୋଲି ଡିଣ୍ଡିମ ପିଟୁଥିବା ବେଳେ ବର୍ତ୍ତମାନ ଜିଲ୍ଲାରେ ପ୍ରାୟ ୫ ଲକ୍ଷ କ୍ୱିଣ୍ଟାଲ ଧାନ ଚାଷୀମାନେ ବିକ୍ରି କରି ପାରି ନାହାନ୍ତି । ଗୋଦାମଘର ନ ଥିବା ଏବଂ ଟୋକନ ଦେବାରେ ଅବହେଳା ଯୋଗୁଁ ଚାଷୀମାନେ ନିର୍ଦ୍ଧାରିତ ଦରଠାରୁ ଧାନ କ୍ୱିଣ୍ଟାଲ ପିଛା ୧୨ଶହ ରୁ ୧୩ ଶହ ଟଙ୍କାରେ ଆନ୍ଧ୍ର ବେପାରୀମାନଙ୍କୁ ବିକିବାକୁ ବାଧ ହେଉଛନ୍ତି । ଜିଲ୍ଲାରେ କାଳିଆ ଓ ପି.ଏମ୍ କିଷାନ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ସହାୟତା ମିଳିନାହିଁ । ଜଳସେଚନ ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ । ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ । କାମଧନ୍ଦା ନ ପାଇ ଜିଲ୍ଲାର ୭ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବାହାର ରାଜ୍ୟରେ ଦାଦନ ଖଟୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଚାଷ ଓ ଚାଷୀ ସମ୍ପୂର୍ଣ୍ଣ ଅସୁରକ୍ଷିତ ବୋଲି ସେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ଯୁଗ୍ମ ସଂଯୋଜକ ରଶ୍ମି ରଞ୍ଜନ ପଟ୍ଟନାୟକ, କିଷାନ କଂଗ୍ରେସ ରାଜ୍ୟ ଉପାଧକ୍ଷ ସୁବାଷ ରାଉତ, ସାଧାରଣ ସମ୍ପାଦକ ସାଇ ପ୍ରସାଦ ପାତ୍ର, ସମ୍ପାଦକ ପଦ୍ମ ଚରଣ ସାହୁ, ଶ୍ୟାମ ସୁନ୍ଦର ଦୋରା, ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ପ୍ରମୁଖ ଉଭୟ ସରକାରର ଚାଷୀମାରନ ନୀତି ବିରୁଦ୍ଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଜିଲ୍ଲା କିଷାନ କଂଗ୍ରେସ ସଭାପତି ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ଚାଷୀ ପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳରେ ଉପୁଜୁଥିବା ବିଭିନ୍ନ କୃଷି ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ ।

# ଡିଏମଏଫ ବୃତି ସମ୍ମାନ ଉତ୍ସବ ଅନୁଷ୍ଠିତ



ହାଟଡିହି,(ପିଏନ)-କେନ୍ଦୁଝର ଜିଲା ହାଟଡିହି ବ୍ଲକ ଶିକ୍ଷାଜିଲା ତରଫରୁ ହାଟଡିହୀ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଡିଏମଏଫ ବୃତି ସମ୍ମାନ ଉତ୍ସବ କାର୍ଯ୍ୟକ୍ରମ ୨୦୧୯-୨୦୨୦ ଅନୁଷ୍ଠିତ ହୋଇଯାଇଛି । ବିଆରସିସି ବିନୋଦ ରାଉତ ଙ୍କ ଅଧକ୍ଷତା ରେ ଏବିଇଓ ସୁରଥ ସାହୁ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ହାଟଡିହୀ ବ୍ଲକ ବିଡିଓ ଜୟଦେବ ଦାସ,ସମ୍ମାନିତ ଅତିଥି ଭାବେ ତହସିଲଦାର ଗାୟତ୍ରି ସୋରେନ,ବ୍ଲକ ଅଧକ୍ଷା ସଂଜିଲତା ବିଶ୍ୱାଳ,ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ଯେନା ଓ ସଭ୍ୟା ଜୟପ୍ରଦା ସା ଯୋଗ ଦେଇ ଥିଲେ । ତୃତୀୟ ଶ୍ରେଣୀ ପାଇଁ ୨୫୬୧ ଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରୁ ୨୦୦୪ ଜଣ ପରୀକ୍ଷା ଦେଇ ୨୮୦ ଜଣ ବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ପଚଂମ ଶ୍ରେଣୀ ପାଇଁ ୨୪୪୦ ଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରୁ ୧୯୯୦ ଜଣ ପରୀକ୍ଷା ଦେଇ ୨୭୮ ଜଣ ବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ଅଷ୍ଟମ ଶ୍ରେଣୀ ପାଇଁ ୨୩୬୪ ଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରୁ ୧୯୦୪ ଜଣ ପରୀକ୍ଷା ଦେଇ ୨୯୬ ଜଣ ବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । କୃତି ଛାତ୍ରଛାତ୍ରୀ ଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀ ଙ୍କୁ ୨ହଜାର, ପଚଂମ ଶ୍ରେଣୀ ଛାତ୍ରୀଛାତ୍ର ଙ୍କୁ ୪ ହଜାର, ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ଙ୍କୁ ୮ ହଜାର ଟଙ୍କା ବୃତି ପ୍ରଦାନ କରାଯିବ ।ବାଙ୍ଗୋର ନୋଡାଲ ସ୍କୁଲ,ମୁଗୁପୁର ହାଇସ୍କୁଲ, ସଡଙ୍ଗ ହାଇସ୍କୁଲ, ବାଙ୍ଗୋର ଗାର୍ଲ୍ସ ହାଇସ୍କୁଲ,ନୂଆ ବାଲିପାଳ ସ୍କୁଲ, ବାଲିବରେଇ ହାଇସ୍କୁଲ,ଆମ୍ବୋ ହାଇସ୍କୁଲ, କଳିଙ୍ଗା ହାଇସ୍କୁଲ, ପଢିଆରୀପଲୀ ନୋଡାଲ ଅପର ପ୍ରାଇମେରୀ ସ୍କୁଲ,ସୋସୋ ଅପର ପ୍ରାଇମେରୀ ସ୍କୁଲ ପ୍ରମୁଖ ୧୦ଟି ସ୍କୁଲ କୁ ବେଷ୍ଟ ସ୍କୁଲ ଭାବେ ପ୍ରତି ଶିକ୍ଷୟତ୍ରୀ ଶିକ୍ଷକ ଙ୍କୁ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ।ଏଥିସହ ପ୍ରତି ସ୍କୁଲ କୁ ପ୍ରତି ପିଲା ପିଛା ୧୭୫ ଟଙ୍କା ପ୍ରଦାନ କରାଯିବ ।ଯାହାକି ସ୍କୁଲ ଉନ୍ନତିକରଣ ରେ ଖର୍ଚ୍ଚ ହେବ ।ଏହି କାର୍ଯ୍ୟକ୍ରମ ରେ ସମସ୍ତ ସ୍କୁଲ ର ଶିକ୍ଷୟତ୍ରୀ,ଶିକ୍ଷକ, ଛାତ୍ରଛାତ୍ରୀ,ଲୋକ ପ୍ରତିନିଧି ଉପସ୍ଥିତ ଥିଲେ ।ଏବିଇଓ ସୁରେଶ ଯେନା ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଇଓ ଅଫିସ ର ସମସ୍ତ କର୍ମଚାରୀ ଓ ଅନ୍ୟ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।



ସାମାଜିକ ଅଧିକରତା ଶିବିର ବୁଲି ଦେଖୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

## ମାଲକାନଗିରି ମହାବିଦ୍ୟାଳୟ ଯୁକ୍ତ ୩ କଳା ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, (ପିଏନ)- ମାଲକାନଗିରି ମହାବିଦ୍ୟାଳୟ ଶିକ୍ଷା ଓ ସମ୍ମାନ ବିଭାଗ ତରଫରୁ ଯୁକ୍ତ ୩ କଳା ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ବିଭାଗୀୟ ମୁଖ୍ୟ ଗୌତମ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ରୂପେ ବାଣିଜ୍ୟ ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନରେ ଏକାଗ୍ରତା ପୂର୍ବକ ଉତମ ମାର୍କ ରଖି ପରୀକ୍ଷାରେ ଉତୀର୍ଣ୍ଣ ହେବା ଏବଂ ପ୍ରତ୍ୟେକ ଜଣେ ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ ।

ଏହି ବିଦାୟକାଳୀନ ସଭାରେ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ମାନେ ବହୁ ସଂଖ୍ୟାରେଯୋଗ ଦେଇଥିଲେ । ଅଧ୍ୟାପିକା ସୀତାଂଶୁ ମାଳିନୀ ପରିଡ଼ା ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଶହେରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ଶିକ୍ଷା ବିଭାଗର ଏହି କାର୍ଯ୍ୟକ୍ରମକୁ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ବେଶ୍ ପ୍ରଶଂସା କରିଥିଲେ । ସମ୍ବର୍ଦ୍ଧନା ଅବସରରେ ସୋନାଲି ରାଉତ, ରାଜା ବୁରୁଜା, ନିତ୍ୟାନନ୍ଦ ସରକାର ସାନ ଭାଇମାନଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ । ଶେଷରେ ଦ୍ୱିତୀୟ ବର୍ଷର ଛାତ୍ର ସମୀରନ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ ।

## ଲକ୍ଷ୍ମୀପୁର ଗ୍ରାମରେ ପାନୀୟ ଜଳ ସଙ୍କଟ

ପାରଳାଖେମୁଣ୍ଡି, (ପିଏନ)- ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ଅନ୍ତର୍ଗତ ଚିତ୍ରକାର ଲକ୍ଷ୍ମୀପୁର ଗ୍ରାମରେ ପାନୀୟ ଜଳ ସଙ୍କଟ ଉତ୍କଟ ରୂପ ନେଇଛି । ଗ୍ରାମ ଠାରୁ ଦୂରକୁ ଯାଇ ଗ୍ରାମବାସୀଙ୍କୁ ପାନୀୟ ଜଳ ସଂଗ୍ରହ କରିବାକୁ ପଡୁଛି । ବିଶେଷ କରି ମହିଳା ମାନେ ଏହାଦ୍ୱାରା ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଗ୍ରାମରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ଗ୍ରାମକୁ ପାନୀୟ ଜଳ ଯୋଗାଣ ସକାଶେ ପାଇପ୍ ଲାଇନର ବ୍ୟବସ୍ଥା କରାଯାଇଛି । ଷ୍ଟାଣ୍ଡ ପୋଷ୍ଟ ମଧ ନିର୍ମାଣ କରାଯାଇଛି । ପୂର୍ବରୁ ଏହା ମାଧ୍ୟମରେ ଜଳ ଯୋଗାଣ ସୂଚାରୁ ରୂପେ ସମ୍ପାଦନ ହେଉଥିବା ବେଳେ ସମ୍ପ୍ରତି ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏପରି ସ୍ଥିତିରେ ଗ୍ରାମରେ ଥିବା ନଳକୂପର ପାଣି ଦୁର୍ଗନ୍ଧଯୁକ୍ତ ଯୋଗୁଁ ତାହା ବ୍ୟବହାର ଅନୁପଯୋଗୀ ହୋଇଛି । ଏ ବାବଦରେ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଖରାଦିନ ଆରମ୍ଭରୁ ଯଦି ଏଠାକାର ସ୍ଥିତି ଏମିତି, ତେବେ ଆଗାମି ଦିନରେ ପରିସ୍ଥିତି ଆହୁରି ଜଟିଳ ରୂପ ଧାରଣ କରିବ ବୋଲି ବୁଦ୍ଧିଜିବୀ ମାନେ ଆଶଙ୍କା ବ୍ୟକ୍ତ କଲେଣି । ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉନେଟନସି ଏଣ୍ଡ ମେନେଜମେଂଟରେ ୟୁଥ ପାର୍ଲାମେଂଟ ଅନୁଷ୍ଠିତ




ବାରିପଦା(ପିଏନ)- ବାରିପଦା ମହାରାଜପୁରସ୍ଥିତ ମୟୁରଭଞ୍ଜ କଲେଜ ଅଫ୍ ଆକାଉନଟେନସି ଏଣ୍ଡ ମ୍ୟାନେଜମେଂଟରେ କେନ୍ଦ୍ର ସରକାରଙ୍କର ନେହେରୁ ଯୁବକେନ୍ଦ୍ର ତରଫରୁ ୟୁଥ ପାର୍ଲାମେଂଟ ଆୟୋଜିତ ହୋଇଯାଇଛି । ଏହି ୟୁଥ ପାର୍ଲାମେଂଟରେ ଛାତ୍ରଛାତ୍ରୀମାନେ ଗୋଟିଏ ପଟେ ସରକାରୀ ଦଳ, ଅନ୍ୟପଟେ ବିରୋଧୀ ଦଳର ଭୂମିକା ନିର୍ବାହ କରିଥିଲେ । ବିଶେଷ ଭାବରେ ନାରୀ ସୁରକ୍ଷା ଏବଂ ମହିଳାମାନଙ୍କ ପାଇଁ କେନ୍ଦ୍ର ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଏବଂ ଏହାର କାର୍ଯ୍ୟକାରୀତା ଉପରେ ଶାସକ ଓ ବିରୋଧି ଦଳ ଭୂମିକାରେ ଥିବା ଛାତ୍ରଛାତ୍ରୀମାନେ ଆଲୋଚନା କରିଥିଲେ । ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଜାତୀୟ ସେବା ଯୋଜନା ଅଧିକାରୀ ମୀରା ସେନାପତି, ବିଜୟା ନାୟକ ଏବଂ ରାଜନୀତି ବିଭାଗ ଅଧ୍ୟାପକ ଯୋଗେଶ୍ୱର ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ନେହେରୁ ଯୁବକେନ୍ଦ୍ର ବାରିପଦା ଶାଖାର ବିଶ୍ୱନାଥ ଦାସ, ପ୍ରକାଶ ରଂଜନ ମାଝୀ, ଆସଲାମ ଖାନ, ବେତନଟୀ ଶାଖାର ହିମାଂଶୁ ମହାନ୍ତ, ମୋରଡା ଶାଖାର କ୍ଷୀତିଶ କୁମାର ମହାନ୍ତ ପରିଚାଳନା କରିଥିଲେ । ନେହେରୁ ଯୁବ କେନ୍ଦ୍ର ତରଫରୁ ପ୍ରଥମ ୩ ଜଣଙ୍କୁ ପୁରସ୍କାର ଏବଂ ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଶେଷରେ କଲେଜର ଉପାଧକ୍ଷା ସଂଘମିତ୍ରା ରାଉତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।




"ସୁଧା" ଏବଂ "ରାଷ୍ଟ୍ରିୟ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରତିଷ୍ଠାନ" ପକ୍ଷରୁ ସଦ୍‌ଭାବନା ଓ ଐକ୍ୟ ଚିତ୍ରକଳା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ

# ଏକମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ଶିଶୁ ମାତୃ ଚିକିତ୍ସାଳୟ

କେନ୍ଦ୍ରାପଡ଼ା,(ପି.ଏନ)-କେନ୍ଦ୍ରାପଡାର ଶାମଗୁଡିଆଠାରେ ନିର୍ମାଣାଧିନ ଥିବା ସ୍ୱତନ୍ତ୍ର ଶିଶୁ ମାତୃ ଚିକିତ୍ସାଳୟ ମାର୍ଚ୍ଚ ମାସ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ କଡା ତାଗିଦ୍ କରାଯାଇଛି । ଦୀର୍ଘ ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ୧୧୦ କୋଟି ଟଙ୍କା ବ୍ୟୟ ବରାଦ୍‌ରେ ନିର୍ମାଣ କରାଯାଉଥିବା ଏହି ଚିକିତ୍ସାଳୟର କାମ କେବେ ସରିବ ଏହାକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ କରାଯାଉଥିଲା । ନିର୍ମାଣ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଧିର ମନ୍ଥର ଗତିରେ ନିଜ ଇଚ୍ଛା ମୁତାବକ କାମ କରୁଥିବାରୁ ଏହାକୁ ନେଇ ଭିନ୍ନ ମତ ପ୍ରକାଶ ପାଉଥିଲା ।

ତେବେ ଏହି ଚିକିତ୍ସାଳୟର ଭିତିଭୂମି ବିକାଶର ଅଗ୍ରଗତି ସମ୍ବନ୍ଧରେ ୫ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ୍ ସରଜମିନ୍ ଗସ୍ତ କରି ଅଗ୍ରଗତି ସମୀକ୍ଷା କରି ୨୦୨୦ ଫେବୃଆରୀ ମାସ ଶେଷ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତିକରଣ ଓ ଜଳ ଯୋଗାଣସ ଓ ଅନାନ୍ୟ କାମ ଗୁଡିକ କରାଯାଇନଥିବାରୁ ଶନିବାର ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାସ୍ତା ଓ କୋଠାବାଡି ବିଭାଗର ଅଧିକ୍ଷଣ ଯନ୍ତ୍ରୀ ତାରା ପ୍ରସାଦ ମିଶ୍ର, ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, ଡେପୁଟି ନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ଦାସ, ମାର୍ଚ୍ଚ ଆସିଷ୍ଟାଂଟ୍ ଏକ୍ଜୁକେଟିଭ୍ ଇଂଜିନିୟର ପ୍ରଶାନ୍ତ କୁମାର ଦାସ, ଜେ.ଇ ପ୍ରସନ୍ନ କୁମାର ସାମଲ ପ୍ରମୁଖ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରି ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମସ୍ତ କାମ ଯୁଦ୍ଧକାଳୀନ ଭିତିରେ କାମ ଶେଷ କରିବାକୁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, (ପିଏନ)- ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ଏକ ସମୀକ୍ଷା ବୈଠକ ଶନିବାର ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ, କନିଷ୍ଠ ସହାୟକ, ପୋଗ୍ରାମ୍ ଆସିଷ୍ଟାଂଟ୍ ଓ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ସାମାଜିକ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଓଡିଶା ସରକାରର ସବୁ ବିଭାଗ ପର୍ଯ୍ୟାୟ କ୍ରମେ ମୋ ସରକାର ଅଧିନ ୫ଟି ଯୋଜନାରେ ସାମିଲ୍ ହେଉଥିବାରୁ ସାମାଜିକ ସୁରକ୍ଷା ବିଭାଗର ଗୁରୁତ୍ୱ ବଢି ଯାଇଛି । ଏହି କ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତା ଓ ବିଭାଗ ତରଫରୁ ଥିବା ୨୦ଟି ପ୍ରଶ୍ନର ଉତର ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଯାଇଥିଲା । ଏ ନେଇ ବିଭାଗର ଶାସନ ସଚୀବ ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀଙ୍କ ସହ ଭିଡିଓ କନ୍ ଫରେନ୍ସି ମାଧ୍ୟମରେ ଆଲୋଚନା କରାଯାଇଥିଲା ।

# ଅବଧି ସରିଲା : କର୍ମଚାରୀ ଅଭାବ ଓ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଲାଇସେଏନ୍ସ ହିତାଧିକାରୀଙ୍କ କମୁନି ଭିଡ



ନେଉଳପୁର, ୨୯/୨(ପି.ଏନ)- ମୋଟର ଯାନ ଆଇନକୁ କଡାକଡି ଭବେ ପାଳନ କରିବା ପାଇଁ ସରକାରଙ୍କ ପକ୍ଷରୁ ସେପ୍ଟମ୍ବର ୧ରୁ ଘୋଷଣା କରାଯାଇଥିଲା । ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଡ୍ରାଇଭିଙ୍ଗ ଲାଇସେନ୍ସ, ପଲ୍ୟୁସନ ଓ ବୀମା କରିବା ପାଇଁ ଘୋଷଣା କରାଯାଇଥିଲା । ଅନେକ ଲୋକ ନିଜର ଡ୍ରାଇଭିଙ୍ଗ ଲାଇସେନ୍ସ ନଥିବା ଓ କାର୍ଯ୍ୟାଳୟରେ କର୍ମଚାରୀ ଓ ଭିତିଭୂମି ଅଭାବରୁ ଲୋକମାନେ ଏହାକୁ ପାଇବାରେ ପାଇବା ବିଳମ୍ବ ହେଉଥିଲା । ଏ ସମସ୍ତ ବିଷୟକୁ ଉପଲବ୍ଧି କରି ରାଜ୍ୟ ସରକାର ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଏହାର ଅବଧି ବଢାଇଥିଲେ । ତଥାପି ଲାଇସେନ୍ସ ପାଇବା ପାଇଁ ଏବେ ବି ଅନେକ ଲୋକ ଆବେଦନ କରିଥିଲେ ସୁଦ୍ଧା ତାହା ସମ୍ପୂର୍ଣ୍ଣ ହୋଇପାରି ନାହିଁ । କାର୍ଯ୍ୟାଳୟରୁ ମଧସ୍ଥ ହଟାଯାଇ ସିଧାସଳଖ କାର୍ଯ୍ୟାଳୟରେ ଲାଇସେନ୍ସ ପାଇଁ ଆସୁଥିବା ଲୋକମାନେ ବିଭିନ୍ ଅସୁବିଧାରେ ପଡିବା ସହ ଲାଇସେନ୍ସ ପାଇବାରେ ବିଳମ୍ବ ହେଉଅଛି । ମାର୍ଚ୍ଚ ୧ରୁ ଆଇନକୁ କଡାକଡି ପାଳନ କରିବା ପାଇଁ ବିଭାଗକୁ ସରକାର ନିର୍ଦ୍ଦେଶନାମା ଦେଇଥିଲା ବେଳେ ଏବେ ବି ଲୋକ ଲାଇସେନ୍ସ ନପାଇ ଚିନ୍ତାରେ ପଡିଛନ୍ତି । କାର୍ଯ୍ୟାଳୟ ମଧ୍ୟରେ କେତେକ କର୍ମଚାରୀ ମଧସ୍ଥ ମାନଙ୍କ ଅନୁପସ୍ଥିତରେ ଲାସେନ୍ସ ହିତାଧିକାରୀ ମାନଙ୍କୁ ଲାଇସେନ୍ସ ଦେବା ଆଳରେ ବିଭିନନ୍ ପ୍ରକାର ଅସୁବିଧାର ସମ୍ମୁଖୀନ କରାଉଛନ୍ତି । ଆସୁଥିବା ହିତାଧିକାରୀ ମାନଙ୍କୁ ଲର୍ଣ୍ଣିଂ ଲାଇସେନ୍ସ କରାଇବା ସମୟରେ ବିଭିନ୍ନ ପ୍ରକାର ଅବାନ୍ତ ପ୍ରଶ୍ନ କରି ସେମାନଙ୍କୁ ବାରମ୍ବାର ଫେଲ କରାଉଛନ୍ତି । ଜଣେ ହିତାଧିକାରୀ ଥରେ ଫେଲ ହେଲେ ଦ୍ୱିତୀୟବାର ସ୍ୱଳ୍ପ ଓ ସମୟ ଦେଇ ପୁନ୍ନ ଆବେଦନ କରୁଥିଲେ ବି ସେମାନଙ୍କର ଲାଇସେନ୍ସ ପାଇବାରେ ବାଧକ ସୃଷ୍ଟି ହେଉଛି । ଲାଇସେନ୍ସ ହିତାଧିକାରୀ ମାନଙ୍କୁ କାର୍ଯ୍ୟାଳୟର ବିଭିନ୍ନ ସ୍ଥାନକୁ ପଠାଇବା ସହ ପରୀକ୍ଷା କରିବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି । ମୁଖ୍ୟତଃ କର୍ମଚାରୀ ଅଭାବ ଓ ଲାଇସେନ୍ସ ପାଇବା ପାଇଁ ଆସୁଥିବା ହିତାଧିକାରୀଙ୍କୁ ପରୀକ୍ଷା ସମ୍ବନ୍ଧୀୟ ସଚେତନତା କରାଯାଉ ନଥିବାରୁ ଏଭଳିପରିସ୍ଥିତି ସୃଷ୍ଟି ହୋଇଅଛି । ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ ଓ କାର୍ଯ୍ୟାଳୟରେ ଥିବା କେତେକ କିରାଣୀଙ୍କ ପାଇଁ ସାଧାରଣ ଲୋକମାନେ ନାହିଁ ନଥିବ ।ର ଅସୁବିଧାର ସମ୍ମୁଖୀନ ହେବା ସହ ଏବେ ମୋଟରଯାନ ତନଖିରେ ପଡି ତଣ୍ଡ ଗଣିବାକୁ ବାଧ ହେବ । ୨୦୧୯ ସେପ୍ଟମ୍ବରରୁ ଅଦ୍ୟାବଧି କେତେ ହିତାଧିକାରୀ ଆବେଦନ କରିଛନ୍ତି ଏବଂ କେତେଜଣଙ୍କୁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯାଇଛି ଏ ସଂପର୍କରେ ଆଂଚଳିକ ପରିବହନ ଅଧିକାରିଙ୍କୁ ପଚାରିବାରୁ ତାଙ୍କ ନିକଟରେ ତଥ୍ୟ ନାହିଁ ବୋଲି ପ୍ରକାଶ କରିଥିଲେ । ଏଭଳି ଚଣ୍ଡିଖୋଲ ସହ ଶେଷଦିନରେ ଲମ୍ବା ଧାଡିରେ ଠିଆ ହୋଇ ଲାଇସସେନ୍ସ ପାଇବା ପାଇଁ ଅପେକ୍ଷାରତ ଥିବା ଦେଖିବାକୁ ମିଳିଥିଲା । ସରକାରଙ୍କ ଡେଡଲାଇନ ୬ ମାସ ଅବଧି ରହିଥିଲେ ସୁଦ୍ଧା ଏହାକୁ ସଠିକ ଭାବେର ପାଳନ କରିବାରେ ଚଣ୍ଡିଖୋଲ ଆଂଚଳିକ ପରିବହନ କାର୍ଯ୍ୟାଳୟ ବିଫଳ ହୋଇଥିବା ଜଣାଯାଇଛି ।

